## ସଂକ୍ଷେପରେ

### ଆଜି ୨ ବ୍ଲକରେ ହେବ ଜେଏମ୍ଏଫ୍‌ସି କୋର୍ଟ ଶୁଭାରମ୍ଭ

ଜୟପୁର,୨୮।୬(ନି.ପ୍ର.): କୋରାପୁଟ ଜିଲାର ୨ଟି ବ୍ଲକରେ ଆସନ୍ତା ୨୯ ତାରିଖ ଶନିବାର ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟିତ ହେବ। ଜିଲାର ସେମିଳିଗୁଡ଼ା ଓ ବୋରିଗୁମ୍ମା ବ୍ଲକରେ ଏହି କୋର୍ଟର ଶୁଭାରମ୍ଭ କରାଯିବ। ସେମିଳିଗୁଡ଼ାରେ ସାଢ଼େ ୯ରେ ଏହା ଉଦ୍‌ଘାଟିତ ହେବାକୁ ଥିବାବେଳେ ବୋରିଗୁମ୍ମାରେ ୨ଟାରେ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ହାଇକୋର୍ଟର ଜଷ୍ଟିସ କେ.ଆର୍. ମହାପାତ୍ର ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିବେ। ଏନେଇ ବୋରିଗୁମ୍ମା ଓ ସେମିଳିଗୁଡ଼ା ବାର୍‌ରେ ଆନନ୍ଦ ପ୍ରକାଶ ପାଇଛି। ଜିଲାର ଦଶମନ୍ତପୁର ବ୍ଲକରେ ମଧ ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ଏହାକୁ ବାତିଲ କରାଯାଇଛି।

### କଟକରେ ମହାରାଜା ବିକ୍ରମଦେବଙ୍କ ତୈଳଚିତ୍ର ଉନ୍ମୋଚିତ

ଜୟପୁର,୨୮।୬(ଡି.ଏନ୍.ଏ.): ଜୟପୁର ଯୁବ ସଂଗଠନ ୟଙ୍ଗଷ୍ଟର୍ସ ଏନଲାଇଟର (ୟେସ୍) ପ୍ରୟାସ ଯୋଗୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନ ତଥା ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସାରସ୍ୱତ ସାଧକ ତଥା ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ତୈଳଚିତ୍ର ଗତ ରବିବାର ଉନ୍ମୋଚିତ ହୋଇଛି। ଯୁବ ସଂଗଠନ ୟେସ୍‌ର ପ୍ରୋତ୍ସାହନରେ ଉପଦେଷ୍ଟା ପଣ୍ଡିତ ଗୀତା ପ୍ରକାଶ ମିଶ୍ରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ସଂସ୍କୃତି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ପତ୍ର ବିନିମୟ, ଉପଯୁକ୍ତ ପ୍ରମାଣ ଓ ଦାବି ଉପସ୍ଥାପନ ପରେ ମହାରାଜା ବିକ୍ରମଦେବଙ୍କ ତୈଳଚିତ୍ର ଉନ୍ମୋଚନ କରାଯାଇଥିଲା।

### ଦ୍ୱିତୀୟ ସ୍ୱାମୀଙ୍କ ନାଁରେ ସ୍ତ୍ରୀଙ୍କ ଏତଲା

ଜୟପୁର,୨୮।୬(ଡି.ଏନ୍.ଏ.): ଜୟପୁର ସହରର ପାୱାର ହାଉସ ସ୍ଥିତ ଜଣେ ମହିଳା ଦ୍ୱିତୀୟ ସ୍ୱାମୀଙ୍କ ନାଁରେ ମହିଳା ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ହେଲେ ପାୱାରହାଉସ କଲୋନିର ଦୁଃଖୀଶ୍ୟାମ ସାହୁ (୩୦)। ସୂଚନା ଅନୁଯାୟୀ, ଗତ ୯ ବର୍ଷ ତଳେ ଦୁଃଖୀଶ୍ୟାମଙ୍କ ସହ ସଦରଥାନା ଥୋରିଡ଼ିପୁଟର ଉପରୋକ୍ତ ମହିଳାଙ୍କ ସହ ବିବାହ ପ୍ରସ୍ତାବ ପଡ଼ିଥିଲା। କିନ୍ତୁ କୌଣସି କାରଣରୁ ହୋଇପାରି ନଥିଲା। ଶେଷରେ ମହିଳାଙ୍କର ଟାଙ୍ଗୁଆ ଗ୍ରାମର ପ୍ରଶାନ୍ତ ପାଢ଼ୀଙ୍କ ସହ ବିବାହ ହୋଇଥିଲା। କିନ୍ତୁ କିଛି ମାସ ତଳେ ଉକ୍ତ ମହିଳାଙ୍କ ସହ ଦୁଃଖୀଶ୍ୟାମଙ୍କର ଫେସବୁକ୍‌ରେ ବନ୍ଧୁତା ହୋଇଥିଲା। ଏହା ପ୍ରେମ ସମ୍ପର୍କ ରୂପ ନେବା ପରେ ମହିଳାଙ୍କୁ ବିବାହ କରିବା ପାଇଁ ଦୁଃଖୀଶ୍ୟାମ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଦୁଇଟି ସନ୍ତାନ ରହିଥିବା ଯୋଗୁ ସେମାନଙ୍କୁ ମଧ ଗ୍ରହଣ କରିବା ପାଇଁ ମହିଳା ଜଣକ ସର୍ତ୍ତ ରଖିବା ପରେ ଦୁଃଖୀଶ୍ୟାମ ତାହା ମାନିଥିଲେ। ଏହାପରେ ମହିଳା ଜଣକ ପ୍ରଥମ ସ୍ୱାମୀଙ୍କୁ ଛାଡ଼ି ଦୁଃଖୀଶ୍ୟାମଙ୍କ ସହ ୭ ମାସ ହେଲା ରହିଆସୁଥିଲେ। କିନ୍ତୁ କିଛିଦିନ ହେବ ସେ ଉପରୋକ୍ତ ମହିଳା ଓ ତାଙ୍କ ଦୁଇ ସନ୍ତାନଙ୍କୁ ମାଡ଼ ମାରିବା, ନିର୍ଯାତନା ଦେବା, ଜୀବନରରୁ ମାରିଦେବା ପାଇଁ ଧମକ ଦେବା ସହ ଘରୁ ତଡ଼ିଦେଇଥିବା ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ନେଇ ମହିଳା ଜଣକ ମହିଳା ଥାନାର ଦ୍ୱାରସ୍ଥ ହେବା ପରେ ବିଭିନ୍ନ ଦଫାରେ କେସ୍ ନଂ ୨୪/୧୯ରେ ମାମଲା ରୁଜୁ କରାଯାଇଛି।

### ହାଲ୍ କର୍ମଚାରୀଙ୍କ ଅନଶନ ୪ର୍ଥ ଦିନରେ

ସୁନାବେଡ଼ା,୨୮।୬(ଡି.ଏନ୍.ଏ.): ହାଲ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ଅନଶନ ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି। ୨୦୧୭ ଜାନୁୟାରୀରୁ କର୍ମଚାରୀଙ୍କ ବେତନ ବକେୟା ରହିଥିବାବେଳେ ଅଧିକାରୀମାନଙ୍କ ବେତନ ନିର୍ଦ୍ଧାରଣ ହୋଇସାରିଛି। କର୍ମଚାରୀଙ୍କ ବେତନ ନିର୍ଦ୍ଧାରଣ ପାଇଁ ପରିଚାଳନା କମିଟି ସହ ୬ଟି ବୈଠକ ଶେଷ ହୋଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ପ୍ରଭାଗର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ୪ ଦିନଧରି ଧାରଣାରେ ବସିଛନ୍ତି। ୩ ସଙ୍ଗଠନର ସଭାପତି ଅଶୋକ କୁମାର ଦାଶ, ପ୍ରଦୀପ କୁମାର ବିଶ୍ୱାଳ, ସୋମନାଥ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଧାରଣାକୁ ସମର୍ଥନ ଜଣାଇ ସ୍ଲୋଗାନ ଦେଇଥିଲେ।

■ ବିଲ୍ଟ କାଗଜକଳରେ ଅଚଳାବସ୍ଥା ଦୂର ପାଇଁ ଦାବିପତ୍ର

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ମଜଦୁର ସଂଘ

ଜୟପୁର,୨୮।୬(ଡି.ଏନ୍.ଏ./ନି.ପ୍ର.)

ଜୟପୁର ନିକଟସ୍ଥ ବିଲ୍ଟ ସେୱା କାଗଜକଳରେ ଚାଲିଥିବା ଅଚଳାବସ୍ଥା ଦୂର କରିବା ପାଇଁ ଠିକାଦାର ମଜଦୁର ସଂଘ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସଂଘର ସଦସ୍ୟମାନେ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଉତ୍ପାଦନ ବନ୍ଦ ରହିଥିବା କାଗଜକଳକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଏଥିରେ ଦାବି କରାଯାଇଛି। ବିଲ୍ଟ କାଗଜକଳର ୫୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ଏକତ୍ରିତ ହୋଇ ବିଏମ୍ଏସ୍ ସଂଘର ସାଧାରଣ ସମ୍ପାଦକ ଏମ୍. ମୋହନଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ରାଜେନ୍ଦ୍ର ଖରାଙ୍କୁ ଦାବିପତ୍ର ଦେଇଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, କୋରାପୁଟ ଜିଲାର ବୃହତ୍ ଶିଳ୍ପ ବିଲ୍ଟ ସେୱା କାଗଜକଳରେ କିଛିଦିନ ହେବ ଉପଯୁକ୍ତ ପରିଚାଳନା ଅଭାବରୁ ଅଚଳାବସ୍ଥା ସୃଷ୍ଟି ହୋଇଛି । ୨୦୧୬ରୁ ବାରମ୍ବାର ଉତ୍ପାଦନ ବନ୍ଦ ହେଉଥିବା ବେଳେ ସ୍ଥାୟୀ ଏବଂ ଠିକା ଶ୍ରମିକଙ୍କୁ ନିୟମିତ ଦରମା ପ୍ରଦାନ କରାଯାଉନାହିଁ । ଏହି କାଗଜକଳ ଉପରେ ଜୟପୁର ସହର ଓ ଆଖାପାଖ ଅଞ୍ଚଳର ୧୦ ହଜାର ପରିବାର ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ। ତେଣୁ ଏହାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ତୁରନ୍ତ ଉତ୍ପାଦନକ୍ଷମ କରିବା ସହିତ ୧୦ ହଜାର ପରିବାରଙ୍କ ଜୀବିକା ବଞ୍ଚାଇବା ପାଇଁ ସହାୟତା କରିବାକୁ ଅନୁରୋଧ କରାଯାଇଛି । ପୂର୍ବରୁ ତେଲେଙ୍ଗାନା ରାଜ୍ୟରୁ ଦୁଇଟି କାଗଜକଳ ବନ୍ଦ ହୋଇଯାଇଥିବା ବେଳେ ରାଜ୍ୟ ସରକାର ସିରିପୁର କାଗଜକଳକୁ ୭୫୦ କୋଟି ଏବଂ କମଳାପୁରମ କାଗଜକଳକୁ ୩୫୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଦେଇ ଏହାକୁ ପୁନଃ ଉତ୍ପାଦନକ୍ଷମ କରାଇଥିଲେ। ସେହିପରି ଜୟପୁରସ୍ଥିତ ବିଲ୍ଟ କାଗଜକଳକୁ କଞ୍ଚାମାଲ ଭାବେ ବାଉଁଶ, କାଠ ଏବଂ କୋଇଲାରେ ସବସିଡ୍ ପ୍ରଦାନ କରିବା ସହ ବିଦ୍ୟୁତ ବିଲ ପୈଠରେ କିଛି ରିହାତି ଦିଆଯାଇ ଉତ୍ପାଦନ ବନ୍ଦ ହୋଇଥିବା କାଗଜକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମଜଦୁର ସଂଘର ସଦସ୍ୟମାନେ ।

ଉଲ୍ଲେଖଯୋଗ୍ୟ ଯେ, ୧୯୮୩ରେ ସ୍ଥାପନ ହୋଇଥିବା ଏହି କାଗଜକଳ ୧୯୮୭ରେ ବନ୍ଦ ହୋଇଯାଇଥିଲା । ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରୟାସରେ ଏହା ପୁଣି କାର୍ଯ୍ୟକ୍ଷମ ହୋଇଥିଲା । ୨୦୧୬ରେ ଥରେ ଏବଂ ୨୦୧୮ ଜୁନରୁ ନଭେମ୍ବର ପର୍ଯ୍ୟନ୍ତ ପୁଣି ଉତ୍ପାଦନ ବନ୍ଦ ରହିଥିଲା । ଏବେ ୨୦୧୯ ଏପ୍ରିଲ ୨୦ରୁ ଉତ୍ପାଦନ ବନ୍ଦ ରହିଛି। ଶୁକ୍ରବାର ଦାବିପତ୍ର ପ୍ରଦାନ ବେଳେ ସଭାପତି ଏ. ଭିମା ରାଓ, ଉପସଭାପତି ବି.ଡି. ସାମଲ, ଆର.କେ. ସାହୁ, କାଶିନାଥ ନାୟକ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ମିଲର ସିଓଓ ନିହାର ଅଗ୍ରୱାଲ, ସିଜିଏମ୍ ଆର୍. ହରିହରନ, କେନ୍ଦ୍ର ଶିଳ୍ପମନ୍ତ୍ରୀ, ରାଜ୍ୟ ଶିଳ୍ପମନ୍ତ୍ରୀ, ଜୟପୁର ବିଧାୟକ, କୋରାପୁଟ ଏମ୍ପି, ଜିଲାପାଳଙ୍କୁ ମଧ ପଠାଯାଇଛି।

## ସ୍ମୃତିପଟ୍ଟରେ ଝଲସିଲେ ଜୟପୁର ମହାରାଜା

ଜୟପୁର,୨୮।୬(ଡି.ଏନ୍.ଏ./ନି.ପ୍ର.)

ଜୟପୁରସ୍ଥିତ ମଧୁମତି ହୋଟେଲ ସମ୍ମିଳନୀ କକ୍ଷରେ ଜୟପୁର ମହାରାଜା ତଥା ରାଜର୍ଷି ବିକ୍ରମଦେବ ବର୍ମାଙ୍କ ୧୫୧ତମ ଜୟନ୍ତୀ ପାଳିତ ହୋଇଛି। ଜୟପୁର ସାହିତ୍ୟ ପରିଷଦ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଏହା ଆୟୋଜିତ ହୋଇଛି। ସାହିତ୍ୟ ପରିଷଦ ସଭାପତି ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାଗିରଥୀ ମହାସୁଆର, ମୁଖ୍ୟବକ୍ତା ସାହିତ୍ୟିକ ମନମୋହନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସଂସ୍କୃତ, ଓଡ଼ିଆ ଓ ତେଲୁଗୁ ସାହିତ୍ୟରେ ବିକ୍ରମଦେବଙ୍କ ଅଗାଧ ପାଣ୍ଡିତ୍ୟ, ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ପାରାଳାଖେମୁଣ୍ଡି ଅଧିବେଶନ, ବିଶାଖାପାଟଣାରେ ଓଡ଼ିଆ ସମାଜ ଗଠନରେ ତାଙ୍କର ଭୂମିକା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ଗବେଷକ ଶ୍ରୀରଙ୍ଗ ନାୟକଙ୍କୁ ବିକ୍ରମଦେବ ସମ୍ମାନ ଓ ଅନିଲ ଚନ୍ଦ୍ର ଦାଶଙ୍କୁ ସାହିତ୍ୟ ପରିଷଦ ସମ୍ମାନ ପ୍ରଦାନ କରାଯାଇଥିଲା । କଟକ ଶ୍ରୀରାମଚନ୍ଦ୍ର ଭବନରେ ବିକ୍ରମଦେବଙ୍କ ତୈଳଚିତ୍ର ଉନ୍ମୋଚନ ପାଇଁ ମୁଖ୍ୟ ଭୂମିକା ନେଇଥିବା ପଣ୍ଡିତ ଗୀତା ପ୍ରକାଶ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲଶ। ପରିଷଦର ସଂପାଦକ ନବକୃଷ୍ଣ ରଥ ସମ୍ପାଦକୀୟ ପାଠ ଓ ଅଶୋକ ପଲେଇ ଧନ୍ୟବାଦ ଦେଇଥିଲେ। ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅଶୋକ ମହାରଣା ଅତିଥି ପରିଚୟ ଦେଇଥିଲେ। ବିକ୍ରମଦେବଙ୍କ ରଚିତ ସଂଗୀତ ଗାଇଥିଲେ ବିଦ୍ୟୁତପ୍ରଭା ପଟ୍ଟନାୟକ। ଦ୍ୱିତୀୟ ଅଧିବେଶନରେ ପ୍ରତିଭା ପୂଜନ ପର୍ବ ହୋଇଥିଲା। ପରିଷଦର ଉପସଭାପତି ତେଜେଶ୍ୱର ପଣ୍ଡା, ପ୍ରସାରଣ ସଂପାଦକ ଅବିନାଶ ସାନ୍ତ୍ରାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମହାରାଜା ବିକ୍ରମ ଦେବ ବର୍ମାଙ୍କ ଜୟନ୍ତୀ ସଭାରେ ଉପସ୍ଥିତ ଅତିଥିମାନେ ।

## ଶିବିରରୁ ୫୨ ୟୁନିଟ୍ ରକ୍ତ ସଂଗ୍ରହ

ଦାମନଯୋଡ଼ି,୨୮।୬(ସ୍ୱ.ପ୍ର.)

ନାଲକୋ ଟାଉନ୍‌ଶିପ୍‌ସ୍ଥିତ କମ୍ୟୁନିଟି ସେଣ୍ଟରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ କୋରାପୁଟ ସିଡିଏମ୍ଓ ଡାକ୍ତର ଦଧିବାମନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ୫୨ ଜଣ ରକ୍ତଦାନ କରିଥିଲେ। କୋରାପୁଟ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ଟଙ୍କଧର ବେହେରା, ବିଷୋୟିନୀ ନାୟକ, ସଞ୍ଜୟ ସିଂ, ରୀନା ଓ ରବୀନ୍ଦ୍ର ରକ୍ତ ସଂଗ୍ରହ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ଡାକ୍ତର ନରେଶ ଚନ୍ଦ୍ର ସାହୁ, ସନ୍ତୋଷ ମିଶ୍ର, ସନ୍ତୋଷ ସେନାପତି, ଡାକ୍ତର ଅଶୋକ ମହାନ୍ତି, ସୁଦର୍ଶନ ସେନାପତି ଓ ଜଳନ୍ଧର ତ୍ରିପାଠୀ ଶିବିର ପରିଚାଳନା କରିଥିଲେ। ଡାକ୍ତର ନରେଶ ଚନ୍ଦ୍ର ସାହୁ ଶିବିରରେ ନିଜ ଜୀବନର ୮୦ତମ ରକ୍ତଦାନ କରିଥିଲେ।



ଶିବିରରେ ଜଣେ ରକ୍ତଦାନ କରୁଛନ୍ତି ।

## ସ୍ପ୍ରେଡ୍ ପକ୍ଷରୁ ସାମାଜିକ ସମୀକ୍ଷା

ଦଶମନ୍ତପୁର,୨୮।୬(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଶୁକ୍ରବାର ସ୍ପ୍ରେଡ୍ ଅନୁଷ୍ଠାନ ପକ୍ଷରୁ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରାଯାଇଛି। ସ୍ପ୍ରେଡ୍‌ର ବ୍ଲକ ସଂଯୋଜକ ସୁରେନ୍ଦ୍ର ଝୋଡ଼ିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନାମଣି ମୁଦୁଲି, ପଞ୍ଚାୟତ ସଂଯୋଜକ ବାବୁଲା କଂସାରି, ଦୀନବନ୍ଧୁ ବାଘ, ମଣ୍ଟୁ ଖୋସ୍‌ଲା, ରଘୁନାଥ ଖରା, ଜିଲା ସଂଯୋଜକ ଶୁକୁରାମ ଖାଡ଼ଙ୍ଗା, ସିଡିପିଓ ନମିତା ପଣ୍ଡା ଉପସ୍ଥିତ ଥିଲେ। ସମୀକ୍ଷାରେ ୧୦ଟି ପଞ୍ଚାୟତ ଯଥା- ପାଇକ ଫୁଲବେଡ଼ା, ଆଡମଣ୍ଡା ମାଲକାନଗିରି, ନନ୍ଦିଗାଁ, ଗାଡ଼ିଆଗୁଡ଼ା, ପି.ବେଡାପଦର, ଲୁଲ୍ଲା, ପିଣ୍ଡାପଦର, ଚିକାମ୍ବ, ଗିର୍ଲିଗୁମ୍ମା ଓ ଚଣାବାଡ଼ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନଭୋଜନ, ସାଧାରଣ ବଣ୍ଟନ, ସ୍ୱାସ୍ଥ୍ୟସେବାର ସମୀକ୍ଷା କରାଯାଇଥିଲା।



ସାମାଜିକ ସମୀକ୍ଷା ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

■ ଆମ୍ବଗାଁବାସୀଙ୍କ ଦାବି ପୂରଣ କଲା ନାଲ୍‌କୋ

## ପାଚେରି ନିର୍ମାଣ ପୁଣିଥରେ ଆରମ୍ଭ

ଦାମନଯୋଡ଼ି,୨୮।୬(ସ୍ୱ.ପ୍ର.)

ନାଲକୋ ପାଚେରି ନିର୍ମାଣ ପ୍ରସଙ୍ଗରେ ଆମ୍ବଗାଁ ବାସୀଙ୍କ ଦାବି ପୂରଣ ହେବା ସହ ଦୀର୍ଘଦିନ ପରେ ଗୁରୁବାରଠାରୁ ପାଚେରି ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ପାଚେରି କାମ ଗ୍ରାମବାସୀ କରୁଥିବାବେଳେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ରୁ ନାଲକୋର ଏହି ପାଚେରି ନିର୍ମାଣ ପାଇଁ ଓଏସ୍ଏଲ୍ ଠିକାସଂସ୍ଥା ପ୍ରାୟ ୧୭ କୋଟି ଟଙ୍କାର ଟେଣ୍ଡର ପାଇ କାମ ଆରମ୍ଭ କରିଥିଲା। ତେବେ ଗ୍ରାମର ଲୋକେ ଏହାକୁ ବିରୋଧ କରିଥିଲେ। ଗ୍ରାମର ୧୫୩ ଜଣଙ୍କୁ ନିଯୁକ୍ତି ପ୍ରଦାନ ସହ ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ ପାଇଁ ଦାବି କରିଥିଲେ। ବହୁବାର ଜିଲା ପ୍ରଶାସନ, ନାଲ୍‌କୋ ପ୍ରଶାସନ, ପୋଲିସ ସହ ଗ୍ରାମବାସୀଙ୍କ ଆଲୋଚନା ହୋଇଥିଲେ ମଧ ସମସ୍ୟାର ସମାଧାନ ହୋଇ ନଥିଲା। ପ୍ରଶାସନ ଏହି ଅଞ୍ଚଳରେ ୧୪୪ ଧାରା ଜାରି କରିଥିଲା। ଅନେକ ଥର ନିର୍ମାଣ କାମକୁ ନେଇ ଗ୍ରାମବାସୀ ଓ ନାଲକୋ କର୍ତ୍ତୃପକ୍ଷ, ପୋଲିସ ମଧ୍ୟରେ ଗଣ୍ଡଗୋଳ ହୋଇଥିବାବେଳେ ଥାନା ଘେରାଉ ମଧ କରାଯାଇଥିଲା। ଫଳରେ ପ୍ରଶାସନ ଗ୍ରାମବାସୀଙ୍କ ନାଁରେ ଏତଲା ଦେବା ସହ କିଛି ଗ୍ରାମବାସୀ କୋର୍ଟକୁ ଯାଇଥିଲେ। ଗ୍ରାମବାସୀ ଦାବି ପୂରଣ ପାଇଁ ଅଡ଼ିବସିବା ପରେ ଗତ ମାସରେ ଜିଲା ପ୍ରଶାସନ, ପୋଲିସ ଓ ନାଲ୍‌କୋ ପକ୍ଷରୁ ଗ୍ରାମସଭା କରାଯାଇ ଘର ଘର ବୁଲି ସର୍ଭେ କରାଯାଇଥିଲା। ନାଲ୍‌କୋ ସିଏମ୍‌ଡିଙ୍କ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ଓ ଗ୍ରାମର ମଧ୍ୟସ୍ଥିଙ୍କ ମଧ୍ୟରେ ଆଲୋଚନା ପରେ ଦାବି ପୂରଣ ହୋଇଥିବା ଜଣାପଡ଼ିଛି। ଗ୍ରାମର ୪୦ ଜଣଙ୍କୁ ମେଣ୍ଟେନାନ୍ସ, ଜଣଙ୍କୁ ପ୍ରକଳ୍ପରେ ଠିକା ନିଯୁକ୍ତି ସହ ପାଚେରି ନିର୍ମାଣ କାମକୁ ଗ୍ରାମବାସୀ କରିବେ ବୋଲି ଚୁକ୍ତିନାମା ହୋଇଛି।

# ମେଳିଲାଣି ରାଜସ୍ଥାନୀ ଶିଳ୍ପୀଙ୍କ ପସରା


ରାସ୍ତାକଡରେ ପ୍ଲାଷ୍ଟର ପ୍ୟାରିସର ବିଭିନ୍ନ ପ୍ରତିକୃତି ଗଦା ହୋଇଛି ।


ରାଜସ୍ଥାନୀ କାରିଗରମାନେ ମୂର୍ତ୍ତି ତିଆରି କାମରେ ଲାଗିଛନ୍ତି ।

ଜୟପୁର,୨୮।୬(ଡି.ଏନ୍.ଏ.)

**ପୂଜାଋତୁ ପାଇଁ ଜୟପୁର ସହର ରାସ୍ତାରେ ଆରମ୍ଭ ହେଲାଣି ମୂର୍ତ୍ତିକାମ**

ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ଆୟକର ବିଭାଗ କାର୍ଯ୍ୟାଳୟ ନିକଟରେ ମେଲିଛି ରାଜସ୍ଥାନୀ କାରିଗରଙ୍କ ମୂର୍ତ୍ତି ପସରା। ରାଜସ୍ଥାନର ପାଲୀ ଜିଲା ପ୍ରତାପଗଡ଼ ସାଡିଲିଡି ଗ୍ରାମର ଗୋଟିଏ ଶିଳ୍ପୀ ପରିବାରର ୧୫ ଜଣ ସଦସ୍ୟ ସପ୍ତାହେ ହେଲାଣି ରାସ୍ତାପାଖରେ ଟେଣ୍ଟ ପକାଇ ପୂଜାଋତୁ ପାଇଁ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଛନ୍ତି। ପ୍ଲାଷ୍ଟର ପ୍ୟାରିସରେ ଏକ ଫୁଟରୁ ୧୦ ଫୁଟ ପର୍ଯ୍ୟନ୍ତ ଗଣେଶ ମୂର୍ତ୍ତି ତିଆରି ଚାଲିଛି। ନଡିଆ କତା ଓ ପ୍ଲାଷ୍ଟର ପ୍ୟାରିସର ମିଶ୍ରକୁ ଛାଞ୍ଚରେ ପକାଯିବାର ୫ରୁ ୭ ଦିନ ଭିତରେ ଏହା ଶୁଖିଯାଏ ଓ ସେଥିରୁ ଚମତ୍କାର ମୂର୍ତ୍ତି ସବୁ ବାହାର କରାଯାଏ। ଏହିପରି ମୂର୍ତ୍ତି ୫୦୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବା ରାଜସ୍ଥାନୀ କାରିଗରମାନେ କହିଛନ୍ତି। ମୂର୍ତ୍ତିନିର୍ମାତା ରାହୁଲ ରାଠୋଡଙ୍କ କହିବା ଅନୁଯାୟୀ, ସେମାନେ ବାକରମ ନାମକ ଜାତିର ଓ ସେମାନଙ୍କର କୌଳିକ ବୃତ୍ତି ହେଉଛି ମୂର୍ତ୍ତି ନିର୍ମାଣ। ସେମାନେ ପୂର୍ବରୁ ମାଟିରେ ମୂର୍ତ୍ତି ତିଆରି କରୁଥିଲେ ମଧ ଏବେ ଆଧୁନିକ ଯୁଗରେ ପ୍ଲାଷ୍ଟର ପ୍ୟାରିସର ଚାହିଦା ଦେଖି ସେହିଥିରେ ମୂର୍ତ୍ତି ନିର୍ମାଣ କରି ବିକୁଛନ୍ତି। କେବଳ ଦେବଦେବୀ ନୁହେଁ, ଏହା ସହ ଫୁଲଦାନୀ, ପଶୁପକ୍ଷୀ ଓ ଅନ୍ୟ ସୌଖୀନ କଳାତ୍ମକ ମୂର୍ତ୍ତି ସେମାନେ ନିର୍ମାଣ କରୁଛନ୍ତି। ବର୍ଷସାରା ଏମାନେ ଆସାମ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ରାଜ୍ୟ ବୁଲି ବୁଲି ଏହିପରି ମୂର୍ତ୍ତି ପ୍ରସ୍ତୁତ କରି ବିକିଥାନ୍ତି। କେବଳ ହୋଲି ପୂର୍ବରୁ ମାତ୍ର ୨ ମାସ ପାଇଁ ନିଜ ଗ୍ରାମକୁ ଯାଇ ପୁଣି କର୍ମକ୍ଷେତ୍ରକୁ ଫେରିଆସନ୍ତି। ଓଡ଼ିଶାର ସମ୍ବଲପୁର, ବଲାଙ୍ଗିର, କଳାହାଣ୍ଡି, ସୁନ୍ଦରଗଡ଼, ଝାରସୁଗୁଡ଼ା ଭଳି ଜିଲାରେ ମୂର୍ତ୍ତି କାମ କରିଥିବା ବେଳେ ଏବେ ଜୟପୁର ସହରରେ ପ୍ରଥମଥର ପାଇଁ ଆସିଥିବା କାରିଗର ଆନନ୍ଦ ରାଠୋର କହିଛନ୍ତି । ଆସନ୍ତା ଗଣେଶ ଓ ବିଶ୍ୱକର୍ମା ପୂଜା ପାଇଁ ମୂର୍ତ୍ତି ଭଲ ବିକ୍ରି ହେବ ବୋଲି ସେମାନେ ଆଶା ରଖିଛନ୍ତି ।

### ସାପ କାମୁଡ଼ାରେ ଯୁବକ ମୃତ

ପୁରୁଷୋତ୍ତମପୁର, ୨୮।୬ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ କେ.ଏନ ପୁର ପଞ୍ଚାୟତ ଖାଜିପଲ୍ଲୀ ଗ୍ରାମରେ ଶୁକ୍ରବାର ରାତିରେ ସାପ କାମୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଧିରେନ୍ଦ୍ର ଆଚାର୍ଯ୍ୟ (୪୦)। ଧିରେନ୍ଦ୍ର ରାତିରେ କେତେଜଣ ସାଙ୍ଗମାନଙ୍କ ସହ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଅଜଣାତରେ ରାସ୍ତା ଉପରେ ଥିବା ଏକ ବିଷଧର ସାପକୁ ଚକୁଡ଼ି ଦେବାରୁ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସାଙ୍ଗମାନେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ କିନ୍ତୁ ଆମ୍ବୁଲାନ୍ସ ନ ଆସିବାରୁ ତାଙ୍କୁ ଏକ ଅଟୋ ଯୋଗେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ. ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଆମ୍ବୁଲାନ୍ସ ନ ଆସିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ଦେଖାଦେଇଛି।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା

ଅମ୍ବାଦୋଳା,୨୮।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ଅମ୍ବାଦୋଳା ଥାନା ଅନ୍ତର୍ଗତ ରଘୁବାରି ପଞ୍ଚାୟତର ମାଣ୍ଡୁରା ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। ମହିଳା ଜଣକ ହେଲେ ପାନବୁଡ଼ି ମାଝି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ସିନ୍ଧେଗିରି ଗ୍ରାମର ବାକିଲି ମାଝିଙ୍କ ଝିଅ ପାନବୁଡ଼ି ମାଣ୍ଡୁରା ଗ୍ରାମର ଲୁତା ମାଝିଙ୍କୁ ବିବାହ କରିଥିଲେ। ବିବାହର ୫/୬ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କର କୌଣସି ପିଲାପିଲି ହୋଇ ନ ଥିଲା। ପରେ ଲୁତା ପୁଣି ବିବାହ କରିବା ପାଇଁ ଜଣେ ଝିଅଙ୍କୁ ଘରକୁ ଆଣିଥିଲେ। ଏହାକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ପାନବୁଡ଼ି ରାଗି ବାପା ଘରକୁ ଚାଲିଯାଇଥିଲେ। ପ୍ରାୟ ଦେଢ଼ ବର୍ଷ ବାପ ଘରେ ରହିବା ପରେ ନିଜ ସମାଜର ବ୍ୟକ୍ତିଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯାଇଥିଲା। ପରେ ପାନବୁଡ଼ି ଶାଶୁଘରକୁ ଫେରିଥିଲେ। ଗୁରୁବାର ରାତିରେ ପୁଣି ଦୁହିଁଙ୍କ ମଧରେ କଳହ ହୋଇଥିଲା। ଏଥିରେ ଲୁତା ରାଗିଯାଇ ଏକ ଧାରୁଆ ଅସ୍ତ୍ରରେ ପାନବୁଡ଼ିଙ୍କୁ ହତ୍ୟା କରିଥିଲେ। ଖବର ପାଇ ଅମ୍ବାଦଳା ପୋଲିସ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଲୁତା ଫେରାର ଥିବା ଜଣାପଡିଛି।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଆମ୍ବାଦୋଳା,୨୮।୬(ଡ଼ି.ଏନ.ଏ):ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଆମ୍ବାଦୋଳା ଥାନା ନିକଟ କାରକାମାରକା ଗ୍ରାମର ଦାସନ କଟକିଆ(୪୦)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଗୁରୁବାର ରାତିରେ ଦାସନ ଖାଇବା ପରେ ଘରୁ ବାହାରକୁ କୁଆଡ଼େ ଯାଇଥିଲେ। ସକାଳ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ରାଇ କଟକିଆ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ। ପରେ ଗ୍ରାମ ନିକଟ ଏକ ଜମିରେ ଥିବା ବିଦ୍ୟୁତ୍ ଖୁଣ୍ଟ ନିକଟରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଆମ୍ବାଦୋଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ଦେହରେ ବହୁତ ସ୍ଥାନରେ କଳାଦାଗ ପଡ଼ିଥିବାରୁ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି।

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ



ଜେକେପୁର, ୨୮।୬ (ଡି.ଏନ୍.ଏ.): ରାୟଗଡ଼ା ଜିଲା ଥେରୁବାଲି ପଞ୍ଚାୟତ ଡିପିକ୍ୟାମ୍ପଠାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଥେରୁବାଲିର ବିନୋଦ କୁମାର ପାଲ(୨୫)। କୌଣସି କାମରେ ସେ ଡିପି କ୍ୟାମ୍ପ ଛକକୁ ଆସିଥିବା ସମୟରେ ଗୁରୁବାର ରାତି ପ୍ରାୟ ୧ଟା ୩୦ରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଥେରୁବାଲି ଫାଣ୍ଡି ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା( ନଂ. ୧୦୪/୨୦୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଭାରପ୍ରାପ୍ତ ଅଧିକାରୀ ତପନ କୁମାର ମାହାଲି ସୂଚନା ଦେଇଛନ୍ତି। ସେହିପରି କୁମୁଟିପେଣ୍ଟ ପଞ୍ଚାୟତ ଦେବଦଳା ନିକଟରେ ଅଟକିଥିବା ଟ୍ରକ (ନଂ. ଓଆର୦୭ଏସ୍ ୨୩୬୭)କୁ ଏକ ମାଲ୍ ବୋଝେଇ ଟ୍ୟାଙ୍କର (ଓଆର୧୫ଏମ୍ ୨୦୩୩) ପଛପଟୁ ଧକ୍କା ଦେଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।

### ୧ରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଗୁଣପୁର,୨୮।୬(ଡି.ଏନ.ଏ): ଆସନ୍ତା ୧ରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ପାଗରେ ପରିବର୍ତ୍ତନ ପରେ ରାଜ୍ୟସରକାର ଜିଲାସ୍ତରରେ ହେଉଥିବା ଶୁଣାଣିଗୁଡିକ ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃୟାରୀ ୧୮ ତାରିଖରେ ଶେଷ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଆୟୋଜିତ ହୋଇଥିଲା। ପ୍ରତିବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟ ସରକାର ଅଭିଯୋଗ ଶୁଣାଣି ବନ୍ଦ କରିଥିଲେ। ହେଲେ ଚଳିତ ବର୍ଷ ସାଧାରଣ ନିର୍ବାଚନ ଯୋଗୁଁ ଏହା ଆଗୁଆ ବନ୍ଦ ହୋଇଥିଲା ନିର୍ବାଚନ ଆଦର୍ଶ ଆଚରଣ ବିଧି ଯୋଗୁଁ ଚଳିତ ବର୍ଷ ମୁନିଗୁଡାର ଅଭିଯୋଗ ଶୁଣାଣି ଶେଷ ରହିଥିଲା। ପାଗରେ ପରିବର୍ତ୍ତନ ପରେ ରାଜ୍ୟ ସରକାର ପୁଣି ଥରେ ଏହା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ଆସନ୍ତା ୧ ତାରିଖରେ ରାୟଗଡା, ୮ ରେ ଗୁଡାରି, ୧୫ରେ ରାମନାଗୁଡା, ୨୨ରେ ବିଷମକଟକ ଏବଂ ୨୯ ରେ ଗୁଣପୁରଠାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ହେବ।

## ■ ସପ୍ତାହେ ହେବ ଟ୍ରାନ୍ସଫର୍ମର ଅଚଳ

# ବିଦ୍ୟୁତ୍ ନିର୍ବାହୀଯନ୍ତ୍ରୀଙ୍କୁ ଘେରିଲେ ଲୋକେ

ଗୁଣପୁର,୨୮।୬(ଡି.ଏନ.ଏ)

ଗତ ୫ରୁ ୬ ଦିନହେବ ପଦ୍ମପୁର ବ୍ଲକ ଆଖୁସିଂସ୍ଥିତ ଗ୍ରୀଡର ଏକ ଟ୍ରାନ୍ସଫର୍ମର ଅଚଳ ହୋଇଯାଇଛି। ଫଳରେ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି। ଲୋଭୋଲଟେଜ ସହ ବିଦ୍ୟୁତ ଯୋଗାଣ ଠିକ୍ ଭାବେ ହୋଇପାରୁନାହିଁ। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ନ ପାଇ ଲୋକେ ପ୍ରବଳ ଖରାରେ ହନ୍ତସନ୍ତ ହେଉଛନ୍ତି। କେତେବେଳେ ବିଦ୍ୟୁତ୍ ଆସୁଛି ଏବଂ ଯାଉଛି କୌଣସି ସମୟ ନିର୍ଘଣ୍ଟ ରହୁନାହିଁ। ଏସବୁ ଭିତରେ ଲୋଭୋଲଟେଜ। ଘରଗୁଡ଼ିକରେ ମୋଟର ଚାଲୁନାହିଁ। ଏମିତି କି ଫ୍ୟାନ ବୁଲିବା କଷ୍ଟକର ହୋଇପଡିଛି।



ଲୋକମାନେ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ଅସହ୍ୟ ଗରମରେ ଲୋକମାନେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏହାର ପ୍ରଭାବ ଜଳଯୋଗାଣ ଉପରେ ମଧ୍ୟ ପଡିଛି। ୫ରୁ ୬ ଦିନ ହେବ ସହରରେ ଜଳଯୋଗାଣ ଠପ୍ ହୋଇଯାଇଛି। ହେଲେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଫଳରେ ଲୋକମାନେ ପାଣି ପାଇଁ ବହୁ ସମସ୍ୟା ଭୋଗୁଛନ୍ତି। ଏହାକୁ ନେଇ ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପାଣି ଏବଂ ବିଦ୍ୟୁତ ସମସ୍ୟା ଲାଗି ରହିଥିବାବେଳେ ଶୁକ୍ରବାର ଗୁଣପୁର ସହର ସହ ବନ୍ଧୁଗୁଡା ଅଞ୍ଚଳର ଲୋକମାନେ ସାଉଥ୍କୋ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ କୁମାର ଗୌଡଙ୍କୁ ଘେରାଉ କରିଥିଲେ। ତୁରନ୍ତ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ କାର୍ଯ୍ୟାଳୟରେ ତାଲା ପକାଇଦେବାକୁ ଚେତାବନୀ ଦେଇଛନ୍ତି। ନିର୍ବାହୀଯନ୍ତ୍ରୀ ଲୋକଙ୍କୁ ବୁଝାଶୁଝା କରିବା ସହ ୩୦ ତାରିଖ ସୁଧା ସମସ୍ୟାର ସମାଧନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୨ ଡିଏମ୍ୟୁ ଚଳାଚଳରେ ଅହେତୁକ ବିଳମ୍ବ

ରାୟଗଡା ଅଫିସ୍, ୨୮।୬

ଗତ ମଙ୍ଗଳବାର ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ ପାଇଁ ଶୁକ୍ରବାର ରାୟଗଡାଠାରେ ପହଞ୍ଚିଛନ୍ତି ନିରାପତ୍ତା କମିଶନର। ତେବେ ନିରାପତ୍ତା କମିଶନରଙ୍କ ସ୍ୱତନ୍ତ୍ର ଟ୍ରେନରେ ଗସ୍ତ ଯୋଗୁ ସମସ୍ୟା ଭୋଗିଛନ୍ତି ସାଧାରଣ ଯାତ୍ରୀ। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। କୋରାପୁଟ-ରାୟଗଡା ରେଳପଥ ସିଙ୍ଗଲ ଲାଇନ ହୋଇଥିବାରୁ ଅନ୍ୟାନ୍ୟ ଟ୍ରେନ ଚଳାଚଳରେ ଅହେତୁକ ବିଳମ୍ବ ହୋଇଥିଲା। ମୁଖ୍ୟତଃ କୋରାପୁଟ-ବିଶାଖାପାଟଣା ଡିଏମ୍ୟୁ ୩ ଘଣ୍ଟା ଓ ବିଶାଖାପାଟଣା-କୋରାପୁଟ ଡିଏମ୍ୟୁ ୨ ଘଣ୍ଟା ବିଳମ୍ବରେ ଚଳାଚଳ କରିଥିଲା। କୋରାପୁଟରୁ ଆସି ଟ୍ରେନଟି କେଉଟଗୁଡା ଷ୍ଟେଶନ୍‌ରେ ଦୀର୍ଘ ୩ ଘଣ୍ଟା ଅଟକି ରହିଥିଲା। ପୂର୍ବାହ୍ନ ୧୦ ଟା୧୫ ମିନିଟ୍ ସମୟରେ ରାୟଗଡା ଛାଡିବା ପରିବର୍ତ୍ତେ ମଧ୍ୟାହ୍ନ ୧ଟା ୩୦ମିନିଟ୍ ସମୟରେ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥିଲା। ସେହିଭଳି ବିଶାଖାପାଟଣାରୁ ଆସି ଟ୍ରେନଟି ରାୟଗଡାଠାରେ ଅଟକି ରହିବା ପରେ ପୂର୍ବାହ୍ନ ୧୧ଟା ୩୫ମିନିଟ୍ ପରିବର୍ତ୍ତେ ମଧ୍ୟାହ୍ନ ୧ଟା ୪୦ ସମୟରେ କୋରାପୁଟ ଅଭିମୁଖେ ଯାତ୍ରା କରିଥିଲା। ଯଦ୍ୱାରା ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ।

## ବ୍ଲକସ୍ତରୀୟ ଜଙ୍ଗଲ ଜମି ଅଧିକାର ଶୀର୍ଷକ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ମୁନିଗୁଡ଼ା,୨୮।୬(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟସ୍ଥ ଶ୍ରୀ ଶ୍ରୀ ବାସବୀ କନ୍ୟକା ପରମେଶ୍ୱରୀ ମନ୍ଦିର କଲ୍ୟାଣମଣ୍ଡପ ପରିସରରେ ଶୁକ୍ରବାର ନିର୍ମାଣ ସଂଗଠନ ତରଫରୁ ବ୍ଲକସ୍ତରୀୟ ଜଙ୍ଗଲ ଜମି ଅଧିକାର ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏମ. ପାତ୍ରଗୁଡ଼ା ସରପଞ୍ଚ ମିନାକ୍ଷୀ କାଡ୍ରାକା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ ସନ୍ତୋଷ କୁମାର ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ରାଜସ୍ୱ ନିରୀକ୍ଷକ ଧରଣୀରଞ୍ଜନ ଶବର, ରାମଦାସ ପେଡ଼େଣ୍ଟି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶୀଭୂଷଣ ରତ୍ନାଲୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଗୌରାଙ୍ଗଚରଣ ରାଉତ ସମ୍ବଳ ବ୍ୟକ୍ତି ଭାବେ ଯୋଗ ଦେଇ ଅନୁସୂଚିତ ଜାତି, ଜନଜାତି ଏବଂ ପାରମ୍ପରିକ ବନବାସୀମାନଙ୍କ ଜଙ୍ଗଲ ଜମି ଅଧିକାର ଅଧିସ୍ୱୀକୃତ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଜଙ୍ଗଲ ଜମି ଅଧିକାର କମିଟିର ଭୂମିକା, ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏମ.ପାତ୍ରଗୁଡ଼ା, ଶିବପଦର, ଆଗୁଳ, କୁମୁଡ଼ାବାଲି, ତେଲେଙ୍ଗାପଦର ପଞ୍ଚାୟତରୁ ବିଭିନ୍ନ ଗ୍ରାମର କମିଟି ସଭାପତି, ସମ୍ପାଦକ, ସଦସ୍ୟ କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ ସଂଯୋଜକ ମୋଚିରାମ ନାୟକ, ମାନସ ମହାପାତ୍ର ସଂଗଠନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଞ୍ଚଳିକ ସଂଯୋଜକ ରବି ନୁଣ୍ଡ୍ରୁକା, ଶମ୍ଭୁ ଦଳେଇ, ଉତ୍ତମ ମାଣ୍ଡିକା, ଶ୍ରୀମନ୍ତ ରାଓ, ତପନ ମାଣ୍ଡିକା ପରିଚାଳନାରେ ସହଯୋଗ କରିଥିଲେ।



କଳାକାରମାନେ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି।

## ପଥପ୍ରାନ୍ତ ନାଟକ

ରାୟଗଡା ଅଫିସ୍, ୨୮।୬

ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚିଦାନନ୍ଦ ଶତପଥୀଙ୍କ ସହାୟତାରେ ରାୟଗଡା ସହରର ସାରଳା ଛକଠାରେ ପୌର ପରିଷଦ ଏବଂ ଏନ୍‌ସିସି କ୍ୟାଡେଟମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ୨ଟି ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ପଲିଥିନ ବର୍ଜନ, ରାସ୍ତା ଉପରେ କୌଣସି ଅସ୍ଥାୟୀ ଦୋକାନ ନ କରିବା ଏବଂ ଅଳିଆ ଆବର୍ଜନା ନ ପକାଇବା ଆଦି ନେଇ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ନାଟକ ୨ଦିନ ଧରି ସହରର ଷ୍ଟେଟ ବ୍ୟାଙ୍କ ଛକ ଓ ଗଜପତି ଜଙ୍ଗସନରେ କରାଯିବା ଯୋଜନା ରହିଛି। ଏ ସମସ୍ତ କାର୍ଯ୍ୟକୁ ପୌର ପରିଷଦ ଅଧିକାରୀ ମାର୍ଟିନ ବିଶ୍ୱାସ ଏବଂ ମହିଳା ମହାବିଦ୍ୟାଳୟ ଏନ୍‌ସିସି ଅଧ୍ୟାପିକା ରୀତାରାଣୀ ମିଶ୍ର ସଂଯୋଜନା କରିଥିଲେ।

## ବିନା ପଞ୍ଜୀକରଣରେ ଚାଲିଛି ବହୁ ପାଥୋଲୋଜି କ୍ଲିନିକ

ଗୁଣପୁର,୨୮।୬(ଡି.ଏନ.ଏ)

ରାୟଗଡା ଜିଲାରେ ବିଭିନ୍ନ କାରଣରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ସରକାରୀ ସ୍ୱାସ୍ଥ୍ୟସେବା ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବାବେଳେ ବେସରାକାରୀ ସ୍ୱାସ୍ଥ୍ୟସେବାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଲୋକମାନେ ସ୍ୱାସ୍ଥ୍ୟଜନିତ ମୌଳିକସୁବିଧା ପାଇଁ ଆନ୍ଧ୍ର ପ୍ରଦେଶ ଉପରେ ନିର୍ଭର କରୁଛନ୍ତି। ବିଭିନ୍ନ କାରଣରୁ ଜିଲାରେ ଉତ୍ତମ ସ୍ୱାସ୍ଥ୍ୟସେବା ନ ଥିବାରୁ ଲୋକମାନେ ବାହାର ରାଜ୍ୟ ଉପରେ ନିର୍ଭର କରି ଅଧିକ ଖର୍ଚ୍ଚାନ୍ତ ହେବା ସହ ଠକାମିର ଶିକାର ହେଉଛନ୍ତି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଠାରୁ ଆରମ୍ଭ କରି ଅନେକ ଅତ୍ୟାଧୁନିକ ଉପକରଣ ନାହିଁ। ଏସବୁ ଭିତରେ ବେସରକାରୀ ସଂସ୍ଥାଗୁଡ଼ିକ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ପଞ୍ଜୀକରଣ ପାଇଁ ଦୀର୍ଘ ଦିନ ହେବ ଆବେଦନ କରିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏସବୁର ସୁଯୋଗ ନେଇ ସହର ସହ ଗ୍ରାମାଞ୍ଚଳରେ କ୍ୱାକମାନେ ସକ୍ରିୟ ହେବାସହ ମାଲାମାଲ ହେଉଛନ୍ତି। ସହରରେ ଅନେକ ସ୍ଥାନରେ ବେଆଇନ ପାଥୋଲୋଜି କ୍ଲିନିକମାନ ଖୋଲି ଲୋକଙ୍କୁ ଠକୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସହ ପ୍ରଶାସନ ଏ ଦିଗରେ ଜାଣି ସୁଦ୍ଧା ନୀରବଦ୍ରଷ୍ଟା ସାଜିଛି। ବିଡମ୍ବନାର ବିଷୟ ସରକାରୀ ଏବଂ ବେସରକାରୀ କ୍ଲିନିକ ମଧ୍ୟରେ କରାଯାଉଥିବା ବିଭିନ୍ନ ପରୀକ୍ଷାର ରିପୋର୍ଟ ମଧ୍ୟରେ କୌଣସି ତାଳମେଳ ରହୁନାହିଁ। ଗୋଟିଏ ପ୍ରକାର ପରୀକ୍ଷା ପାଇଁ ବେସରକାରୀ କ୍ଲିନିକ ଏବଂସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଭିନ୍ନ ରିପୋର୍ଟମାନ ଆସୁଛି, ଯଦ୍ୱାରା ଲୋକମାନେ ଉଚିତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସାମାନ୍ୟ ଘଟଣାରେ ରୋଗୀମାନଙ୍କୁ ଚିକିତ୍ସା ପାଇଁ ବାହାରକୁ ସ୍ଥାନାନ୍ତର କରାଯାଉଛି। ବାହାର ରାଜ୍ୟକୁ ଯାଇ ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହେବାସହ ମାନସିକ ଯନ୍ତ୍ରଣାର ଶିକାର ହେଉଛନ୍ତି। ଏଣୁ ସ୍ୱାସ୍ଥ୍ୟ ବିଭାଗ ସହ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଜିଲାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ଉପରେ ସାଧାରଣରେ ମତ ପ୍ରକାଶ ପାଇଛି।

## ରାସ୍ତା ନିର୍ମାଣ ନେଇ ଗ୍ରାମସଭା

ରାମନାଗୁଡା, ୨୮।୬(ଡ଼ି.ଏନ.ଏ)



ବୈଠକରେ ଆଲୋଚନା କରାଯାଉଛି।

ରାୟଗଡା ଜିଲା ରାମନାଗୁଡା ବ୍ଲକ ଅଧୀନ ବାଙ୍ଗୀଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଜମି ଚିହ୍ନଟ ଏବଂ ମୂଲ୍ୟାଙ୍କନ ପାଇଁ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ ନିଷ୍ପତ୍ତି ନିଆଯିବ। ୭ମାସ ମଧରେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାମନାଗୁଡା ତହସିଲଦାର ଜୟଶ୍ରୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କନିଷ୍ଠ ଯନ୍ତ୍ରୀ ସୁନିଲ କୁମାର ପାଢୀ, ସେକ୍ସନ ଅଫିସର ଧନେଶ୍ୱର କୁମ୍ଭାର, ରାଜସ୍ୱ ନିରୀକ୍ଷକ କେ. ସୂର୍ଯ୍ୟନାରାୟଣ, ସୁପରଭାଇଜର ବିକାଶ ଚନ୍ଦ୍ର ପାଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାମନାଗୁଡା ବ୍ଲକ ଅଧୀନ ବାଙ୍ଗୀଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୨୦୦ମିଟର ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। କ୍ଷତିପୂରଣ ପ୍ରଦାନ ପରେ ଏହି କାମ କରାଯିବ ବୋଲି ଗ୍ରାମବାସୀ ଜିଦ୍ ଧରିଥିଲେ। ଏହି ସମସ୍ୟା ପ୍ରାୟ ୪୦ବର୍ଷ ଧରି ଚାଲିଥିଲା। ବାରମ୍ବାର ଦୌଡିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଏହି ରାସ୍ତାର କାମ ହୋଇପାରୁ ନ ଥିଲା। ଏମିତି କି ୧୨୦୦ ମିଟର ରାସ୍ତା ମଧ୍ୟରୁ ୫୦୦ମିଟର ରାସ୍ତା ସରକାରୀ ଜାଗାରେ ଥିବା ସତ୍ତ୍ୱେ ସେଠାରେ ମଧ କାମ ହୋଇପାରୁ ନ ଥିଲା। ନିର୍ବାହୀଯନ୍ତ୍ରୀ ରାୟଗଡା ପିଡବ୍ଲ୍ୟୁଡିଙ୍କ ଚିଠି ନଂ ୩୦୬୬/୧୯ ଅନୁଯାୟୀ ୩୧।୫।୧୯ରେ ରାମନାଗୁଡା ତହସିଲଦାରଙ୍କୁ ଏହି ବିଷୟରେ ଚୂଡାନ୍ତ ନିଷ୍ପତ୍ତି ନେବା ସହିତ ଗ୍ରାମସଭା କରି ସମାଧାନ କରିବାକୁ କୁହାଯାଇଥିଲା। ସେହି ଅନୁସାରେ ରାମନାଗୁଡା ତହସିଲଦାର ଚିଠି ନଂ ୯୫୩/୧୯ରେ ଗ୍ରାମସଭା ନିମନ୍ତେ ହିତାଧିକାରୀ ଏବଂ ଗ୍ରାମବାସୀଙ୍କୁ ଡକାଇ ଗ୍ରାମସଭା କରାଯାଇଛି।

## ନାଗାବଳୀ ଲାୟନ୍ସ କ୍ଲବ୍‌ର ଅଧିଗ୍ରହଣ ଉତ୍ସବ




ଅଧିଗ୍ରହଣ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ରାୟଗଡା ଅଫିସ୍, ୨୮।୬

ନାଗାବଳୀ ଲାୟନ୍ସ କ୍ଲବ୍‌ର ଅଧିଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଶ୍ୱନାଥ ମହାନ୍ତି ମୁଖ୍ୟଅତିଥି, ଡି.କେ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ କ୍ଲବ୍‌କୁ ତାର ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ମୈତ୍ରୀ, ସହଯୋଗ ତଥା ଐକ୍ୟଭାବର ଆବଶ୍ୟକତା ନେଇ କହିଥିଲେ। ପରେ ନୂତନ ଭାବେ ସଦସ୍ୟପଦ ଗ୍ରହଣ କରିଥିବା ସଦସ୍ୟମାନଙ୍କୁ ଓ ୨୦୧୯-୨୦ବର୍ଷ ପାଇଁ ନୂତନ ଭାବେ ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କୁ ଶପଥ ପାଠ କରାଯାଇଥିଲା। ଆଗାମୀ ବର୍ଷ ପାଇଁ ନିର୍ବାଚିତ ହୋଇଥିବା କ୍ଲବ୍ ସଭାପତି ଡା. ପ୍ରସନ୍ନ କୁମାର ଗନ୍ତାୟତ କ୍ଲବ୍‌କୁ ସୁଦୃଢ଼ୀକରଣ କରିବା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଉକ୍ତ ସଭାକୁ ସଂଯୋଜକ ସୁଶାନ୍ତ କୁମାର ନାୟକ ସଂଯୋଜନା କରିଥିବା ବେଳେ ଶିବପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ୪ ଛାତ୍ରୀଛାତ୍ର ଆହତ

ରାୟଗଡ଼ା ଅଫିସ,୨୮।୬- ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ତଳ ବାରଙ୍ଗପଦରରେ ପ୍ରାଥମିକ ବିଦ୍ୟାଳୟର ୪ ଜଣ ଛାତ୍ରୀଛାତ୍ର ବଜ୍ରପାତରେ ଆହତ ହୋଇଛନ୍ତି। ସେମାନେ ହେଲେ ବିଶୁ କାଡ୍ରକା, ମିନାରାଓ ଉଲାକା, ଅର୍ଚ୍ଚି ଉଲ୍ଲାକା, ରାଣୀ ସାହୁକାର। ସେମାନଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବଜ୍ରପାତରେ ସ୍କୁଲ ଗୃହ କାନ୍ଥ ଫାଟିଯିବା ସହ ଆଜବେଷ୍ଟସ ଉଡ଼ିଯାଇଛି।

## ଚୋରି ଘଟଣାରେ ୪ ଗିରଫ

ଗୁଣପୁର,୨୮।୬(ଡି.ଏନ.ଏ)

ଗୁଣପୁର ସହର ବଳରାମନଗର ନିଳାଦ୍ରିବିହାର ଓ ନୂତନ ବସଷ୍ଟାଣ୍ଡ ଅଞ୍ଚଳରୁ ଚୋରି ଉଦ୍ୟମ ଘଟଣାରେ ଗୁଣପୁର ପୋଲିସ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୁଣପୁର ସୁଇପର କଲୋନିର ପାଡାଲା ମାଲେଶ୍ୱ ଓରଫ ନିଲ, ଜେକେପୁର ପାଡାଗୁଲୁର ତରୁଣ କୁମାର, ଚିନ୍ତାଲୁଶ୍ୟାମ କୁମାର, ଜେକେପୁର ଅଞ୍ଚଳର ଟି.ଶ୍ରୀନୁ। ନୂତନ ବସଷ୍ଟାଣ୍ଡ ନିକଟରେ ହୋଇଥିବା ଏକ ଚୋରି ମାମଲାରେ ପୋଲିସ ସୁନା ଏବଂ ରୁପା ଅଭିଯୁକ୍ତମାନଙ୍କଠାରୁ ଜବତ କରାଯାଇଛି। ଗତ ୧୭ ତାରିଖରେ କୃଷିବିଭାଗରେ କାର୍ଯ୍ୟରତ ଓଭରସିୟର ସୂର୍ଯ୍ୟ ନାରାୟଣ ପାଢୀ ଘରେ ନ ଥିବା ସମୟରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଭିତରେ ପଶିଥିଲେ। ଏସବୁ ଘଟଣା ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଭିଡିଓ ରେକର୍ଡିଂ କରିବା ସହ ସାହିଲୋକଙ୍କୁ ସୂଚନା ଦେଇଥିଲେ। ଲୋକମାନେ ଠେଙ୍ଗା ବାଡି ଧରି ସେଠାରେ ପହଞ୍ଚିବା ସହ ଚୋରମାନଙ୍କୁ କାବୁ କରିଥିଲେ। ଏହାପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସମସ୍ତ ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିଥିଲା।

## ଭୂତକୋଠି ପାଲଟିଛି ପଦ୍ମପୁର ଦୂରଦର୍ଶନ କେନ୍ଦ୍ର

ପଦ୍ମପୁର, ୨୮।୬(ଡ଼ି.ଏନ.ଏ)



ରାୟଗଡା ଜିଲା ପଦ୍ମପୁରରେ ଥିବା ଏକମାତ୍ର ଓଡିଆ ଦୂରଦର୍ଶନ (ଡିଡି-୬) କେନ୍ଦ୍ର ଭୁତକୋଠି ପାଲଟିଛି। ବାରମ୍ବାର କ୍ଷତିର ଆଳ ଦେଖାଇ ପ୍ରଥମେ ଉକ୍ତ କେନ୍ଦ୍ରକୁ ଜଗମଣ୍ଡା ପାହାଡ ନୀଳକଣ୍ଠେଶ୍ୱର ମନ୍ଦିର ପାର୍ଶ୍ୱରୁ ସ୍ଥାନାନ୍ତର କରାଯାଇଥିଲା। ପରେ ବୈଷୟିକ ତ୍ରୁଟି ଏବଂ ପବନ ଓ ଝଡବର୍ଷାରେ ଦୁଇ ଦୁଇଥର ଭାଙ୍ଗିପଡିଥିଲା ଉକ୍ତ କେନ୍ଦ୍ର। ଲୋକଙ୍କୁ ଡିଜିଟାଲ କରାଇବା ଆଶା ଦେଖାଇ ଉକ୍ତ ସେବାକୁ ଏଠାରୁ ହଟାଇଦିଆଗଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ରାୟଗଡା ଜିଲାର ଏକମାତ୍ର ପଦ୍ମପୁର ଜଗମଣ୍ଡା ପାହାଡ ଉପରେ ନିର୍ମାଣ କରାଯାଇଥିଲା ଓଡିଆ ଦୂରଦର୍ଶନ କେନ୍ଦ୍ର (ଡିଡି-୬)। ଉକ୍ତ ଦୂରଦର୍ଶନ କେନ୍ଦ୍ର ସେହି ସମୟରେ କୋରାପୁଟ ଏମ୍‌ପି ଗିରିଧର ଗମାଙ୍ଗ ଓ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ କାମାକ୍ଷାପ୍ରସାଦ ସିଂଦେଓଙ୍କ ଅନୁମୋଦନ ପରେ ଉକ୍ତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ବହୁ ଇଞ୍ଜିନିୟର ଓ କର୍ମଚାରୀ ଉକ୍ତ ଟାୱାର ସହ କଣ୍ଟ୍ରୋଲରୁମ କାର୍ଯ୍ୟ ତୁଲାଉଥିଲେ। ୧୯୯୦ ମସିହାରୁ ପଦ୍ମପୁର, ଗୁଣପୁର, ରାମନାଗୁଡା, ଗୁଡାରୀ ଆଦି ଅଞ୍ଚଳକୁ ଓଡିଆ ଖବର ପରିବେଷଣ ସହ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଥିଲା। କାଳକ୍ରମେ ଅନ୍ୟ ବେସରକାରୀ ଚ୍ୟାନେଲଗୁଡିକ ନିଜର ପତିଆରା ଜାହିର କରିବା ପରେ ଉକ୍ତ ଚ୍ୟାନେଲ ପ୍ରତି ସେତେଟା ଆଗ୍ରହ ପ୍ରକାଶ ପାଇଲା ନାହିଁ। ଫଳରେ ଉକ୍ତ ଦୂରଦର୍ଶନର ଆଞ୍ଚଳିକ କେନ୍ଦ୍ରକୁ କ୍ଷତିର ଆଳ ଦେଖାଇ କର୍ମଚାରୀମାନଙ୍କୁ ଅନ୍ୟତ୍ରପଠାଇଦିଆଗଲା। ଜଣେ ମାତ୍ର ଇଞ୍ଜିନିୟର ଦାୟିତ୍ୱରେ ରହି କିଛିଦିନ ଏହାକୁ ଚାଲୁ କରିଥିଲେ। ପରେ ଗତ ଡିସେମ୍ବରରେ ଏହାକୁ ବନ୍ଦ କରି ଡିଜିଟାଲ କରାଯିବ ବୋଲି କୁହାଗଲା। ମାତ୍ର ଏଠାକାର ଟାୱାର, ଯନ୍ତ୍ରପାତି ଓ କଣ୍ଟ୍ରୋଲରୁମକୁ ବିଶାଖାପାଟଣାର ଠିକା ସଂସ୍ଥାକୁ ବିକ୍ରି କରିଦିଆଯାଇଥିବା ଶୁଣିବାକୁ ମିଳିଛି। ସେହିଭଳି ଏଠାକାର ଜଣେ ମାତ୍ର ଇଞ୍ଜିନିୟରଙ୍କୁ ଏଠାରୁ ଜୟପୁରସ୍ଥିତ ଆକାଶବାଣୀ କେନ୍ଦ୍ରକୁ ବଦଳି କରାଯାଇଛି। ଯାହାକି ଅଞ୍ଚଳରେ ଅଶାନ୍ତି ଦେଖାଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଅଫିସ ଗୃହଗୁଡିକ ଏବେ ଭୂତକୋଠି ପାଲଟିଛି। ଯାହାକି ପ୍ରଶାସନ ନିଷ୍ପତ୍ତି ନେଇ ଏହି କୋଠାଗୁଡିକୁ କେଉଁ କାର୍ଯ୍ୟରେ ବ୍ୟବହାର କଲେ ଜନମଙ୍ଗଳରେ ଲାଗିବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏଥିସହ କେଉଁ କାରଣ ଯୋଗୁ ଏହି ଜିଲାର ଏକମାତ୍ର ପୁରାତନ ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ କରିଦିଆଗଲା ତାହା ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।




# ବିକ୍ରମଦେବ ବର୍ମାଙ୍କ ଜୟନ୍ତୀ ପାଳିତ

**ଜୟପୁର,୨୮।୬(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ରଜାନହର ପରିସରରେ ଥିବା ଡିଏଭି ସ୍କୁଲରେ ଶୁକ୍ରବାର ପୂର୍ବାହ୍ନରେ ରାଜର୍ଷି ବିକ୍ରମଦେବ ବର୍ମାଙ୍କ ୧୫୧ତମ ଜୟନ୍ତୀ ପାଳିତ ହୋଇଛି । ରାଜର୍ଷି ବିକ୍ରମଦେବ ସାଂସ୍କୃତିକ ପରିଷଦର ସଭାପତି ପ୍ରଭୁଦାନ ଭଦ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ କୃଷ୍ଣଚନ୍ଦ୍ର ହୋତା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଯଜ୍ଞେଶ୍ୱର ପଣ୍ଡା ଅତିଥି ପରିଚୟ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ କୋରାପୁଟ ଜିଲାପାଳ ଗଦାଧର ପରିଡ଼ା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ଶରତ ମହାନ୍ତି ପ୍ରମୁଖ ବିକ୍ରମଦେବ ବର୍ମାଙ୍କ ଜୀବନୀ ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ସେହିପରି ପରିଷଦର ମୁଖପତ୍ର ସାହିତ୍ୟ ସମ୍ରାଟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅଧ୍ୟାପିକା ବାସନ୍ତି ମହାନ୍ତି ଏବଂ ପ୍ରକାଶ ଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକାଶ ମହାନନ୍ଦିଆ କାର୍ଯ୍ୟକ୍ରମରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେହିପରି ପୂର୍ବାହ୍ନରେ ବିକ୍ରମଦେବ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।


ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ ।

## ■ ସଚେତନତା ଶୋଭାଯାତ୍ରାରେ ବୁଲିଲେ ଛାତ୍ରୀଛାତ୍ର

# ବର୍ଷାଜଳ ସଂରକ୍ଷଣ, ଚାରାରୋପଣ ପାଇଁ ବାର୍ତ୍ତା

**ଧୋଡ୍ରା, ୨୮।୬(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଚାଟିଗୁଡ଼ା ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଛି। ମାଝିଗୁଡ଼ା ସରପଞ୍ଚ ପଦ୍ମିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବର୍ଷାଜଳ ସଂରକ୍ଷଣ ଏବଂ ବୃକ୍ଷରୋପଣ ଉପରେ ଆଲୋଚନା କରାଯାଇଥିଲା । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ୍ୱର ପଣ୍ଡା, ଯୋଗାଣ ସହାୟକ ମଦନ ଭତ୍ରା, ଜିଆର୍ଏସ୍ ପ୍ରଶାନ୍ତ କୁମାର ଛାଟୋଇଙ୍କ ସମେତ ପଞ୍ଚାୟତ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଭାରେ ଚାଟିଗୁଡ଼ା ପ୍ରକଳ୍ପ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଗାଁ ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବର୍ଷାଜଳ ସଂରକ୍ଷଣ ଏବଂ ବୃକ୍ଷ ରୋପଣ ଉପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଶୋଭାଯାତ୍ରାରେ ପ୍ରଧାନଶିକ୍ଷକ ବିଶ୍ୱନାଥ ମାଝିଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ବର୍ଷକେ ଅନ୍ତତଃ ଗୋଟିଏ ଗଛ ଲଗାଇବେ ବୋଲି ସମସ୍ତେ ଶପଥ ନେଇଥିଲେ।


ଶୋଭାଯାତ୍ରା ଗାଁ ପରିକ୍ରମା କରୁଛି।

# ପିକ୍ଅପ୍ ଧକ୍କାରେ ଯୁବକ ଗୁରୁତର

**ପାପଡାହାଣ୍ଡି, ୨୮।୬,(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାଲ ସଦର ମହକୁମା ରାଜସ୍ୱ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ପିକ୍ଅପ ଧକ୍କାରେ ଚୈତନ୍ୟ ହରିଜନ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାରକରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ପ୍ରକାଶ ଯେ, ପାପଡାହାଣ୍ଡିରୁ ଡାବୁଗାଁ ଆଡକୁ ଏକ ପିକ୍ଅପ୍ (ଓଆର୍-୨୫ଏ-୩୮୩୩) ଯାଉଥିଲା। ଏହି ସମୟରେ ରାସ୍ତା କଡ଼ରେ ବାଇକ୍ ରଖି ଛିଡ଼ା ହୋଇଥିବା ଚୈତନ୍ୟଙ୍କୁ ପିକ୍ଅପ୍ ଗାଡିଟି ଧକ୍କା ଦେଇଥିଲା। ଏଥିରେ ଚୈତନ୍ୟ ଗୁରୁତର ହୋଇଛନ୍ତି। ପିକ୍ଅପ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଅଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଆଜି ୨ ବ୍ଲକରେ ହେବ ଜେଏମ୍ଏଫ୍ସି କୋର୍ଟ ଶୁଭାରମ୍ଭ

ଜୟପୁର,୨୮।୬(ନି.ପ୍ର.): କୋରାପୁଟ ଜିଲାର ୨ଟି ବ୍ଲକରେ ଆସନ୍ତା ୨୯ ତାରିଖ ଶନିବାର ଜେଏମ୍ଏଫ୍ସି କୋର୍ଟ ଉଦ୍ଘାଟିତ ହେବ। ଜିଲାର ସେମିଳିଗୁଡ଼ା ଓ ବୋରିଗୁମ୍ମା ବ୍ଲକରେ ଏହି କୋର୍ଟର ଶୁଭାରମ୍ଭ କରାଯିବ। ସେମିଳିଗୁଡ଼ାରେ ସାଢ଼େ ୯ରେ ଏହା ଉଦ୍ଘାଟିତ ହେବାକୁ ଥିବାବେଳେ ବୋରିଗୁମ୍ମାରେ ୨ଟାରେ ଉଦ୍ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ହାଇକୋର୍ଟର ଜଷ୍ଟିସ କେ.ଆର୍. ମହାପାତ୍ର ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିବେ। ଏନେଇ ବୋରିଗୁମ୍ମା ଓ ସେମିଳିଗୁଡ଼ା ବାର୍ରେ ଆନନ୍ଦ ପ୍ରକାଶ ପାଇଛି। ଜିଲାର ଦଶମନ୍ତପୁର ବ୍ଲକରେ ମଧ ଜେଏମ୍ଏଫ୍ସି କୋର୍ଟ ଉଦ୍ଘାଟନ ହେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ଏହାକୁ ବାତିଲ କରାଯାଇଛି।

### କଟକରେ ମହାରାଜା ବିକ୍ରମଦେବଙ୍କ ତୈଳଚିତ୍ର ଉନ୍ମୋଚିତ

ଜୟପୁର,୨୮।୬(ଡି.ଏନ୍.ଏ.): ଜୟପୁର ଯୁବ ସଂଗଠନ ୟଙ୍ଗଷ୍ଟର୍ସ ଏନଲାଇଟର (ୟେସ୍) ପ୍ରୟାସ ଯୋଗୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନ ତଥା ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସାରସ୍ୱତ ସାଧକ ତଥା ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ତୈଳଚିତ୍ର ଗତ ରବିବାର ଉନ୍ମୋଚିତ ହୋଇଛି। ଯୁବ ସଂଗଠନ ୟେସ୍ର ପ୍ରୋତ୍ସାହନରେ ଉପଦେଷ୍ଟା ପଣ୍ଡିତ ଗୀତା ପ୍ରକାଶ ମିଶ୍ରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ସଂସ୍କୃତି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ପତ୍ର ବିନିମୟ, ଉପଯୁକ୍ତ ପ୍ରମାଣ ଓ ଦାବି ଉପସ୍ଥାପନ ପରେ ମହାରାଜା ବିକ୍ରମଦେବଙ୍କ ତୈଳଚିତ୍ର ଉନ୍ମୋଚନ କରାଯାଇଥିଲା।

### ଦ୍ୱିତୀୟ ସ୍ୱାମୀଙ୍କ ନାଁରେ ସ୍ତ୍ରୀଙ୍କ ଏତଲା

ଜୟପୁର,୨୮।୬(ଡି.ଏନ୍.ଏ.): ଜୟପୁର ସହରର ପାୱାର ହାଉସ ସ୍ଥିତ ଜଣେ ମହିଳା ଦ୍ୱିତୀୟ ସ୍ୱାମୀଙ୍କ ନାଁରେ ମହିଳା ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ହେଲେ ପାୱାରହାଉସ କଲୋନିର ଦୁଃଖୀଶ୍ୟାମ ସାହୁ (୩୦)। ସୂଚନା ଅନୁଯାୟୀ, ଗତ ୯ ବର୍ଷ ତଳେ ଦୁଃଖୀଶ୍ୟାମଙ୍କ ସହ ସଦରଥାନା ଥୋରିଡ଼ିପୁଟର ଉପରୋକ୍ତ ମହିଳାଙ୍କ ସହ ବିବାହ ପ୍ରସ୍ତାବ ପଡ଼ିଥିଲା। କିନ୍ତୁ କୌଣସି କାରଣରୁ ହୋଇପାରି ନଥିଲା। ଶେଷରେ ମହିଳାଙ୍କର ଟାଙ୍ଗୁଆ ଗ୍ରାମର ପ୍ରଶାନ୍ତ ପାଢ଼ୀଙ୍କ ସହ ବିବାହ ହୋଇଥିଲା। କିନ୍ତୁ କିଛି ମାସ ତଳେ ଉକ୍ତ ମହିଳାଙ୍କ ସହ ଦୁଃଖୀଶ୍ୟାମଙ୍କର ଫେସବୁକ୍ରେ ବନ୍ଧୁତା ହୋଇଥିଲା। ଏହା ପ୍ରେମ ସମ୍ପର୍କ ରୂପ ନେବା ପରେ ମହିଳାଙ୍କୁ ବିବାହ କରିବା ପାଇଁ ଦୁଃଖୀଶ୍ୟାମ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଦୁଇଟି ସନ୍ତାନ ରହିଥିବା ଯୋଗୁ ସେମାନଙ୍କୁ ମଧ ଗ୍ରହଣ କରିବା ପାଇଁ ମହିଳା ଜଣକ ସର୍ତ୍ତ ରଖିବା ପରେ ଦୁଃଖୀଶ୍ୟାମ ତାହା ମାନିଥିଲେ। ଏହାପରେ ମହିଳା ଜଣକ ପ୍ରଥମ ସ୍ୱାମୀଙ୍କୁ ଛାଡ଼ି ଦୁଃଖୀଶ୍ୟାମଙ୍କ ସହ ୭ ମାସ ହେଲା ରହିଆସୁଥିଲେ। କିନ୍ତୁ କିଛିଦିନ ହେବ ସେ ଉପରୋକ୍ତ ମହିଳା ଓ ତାଙ୍କ ଦୁଇ ସନ୍ତାନଙ୍କୁ ମାଡ଼ ମାରିବା, ନିର୍ଯାତନା ଦେବା, ଜୀବନରରୁ ମାରିଦେବା ପାଇଁ ଧମକ ଦେବା ସହ ଘରୁ ତଡ଼ିଦେଇଥିବା ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ନେଇ ମହିଳା ଜଣକ ମହିଳା ଥାନାର ଦ୍ୱାରସ୍ଥ ହେବା ପରେ ବିଭିନ୍ନ ଦଫାରେ କେସ୍ ନଂ ୨୪/୧୯ରେ ମାମଲା ରୁଜୁ କରାଯାଇଛି।

### ହାଲ୍ କର୍ମଚାରୀଙ୍କ ଅନଶନ ୪ର୍ଥ ଦିନରେ

ସୁନାବେଡ଼ା,୨୮।୬(ଡି.ଏନ୍.ଏ.): ହାଲ୍ରେ କାର୍ଯ୍ୟରତ କର୍ମଚାରୀଙ୍କ ଅନଶନ ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି। ୨୦୧୭ ଜାନୁୟାରୀରୁ କର୍ମଚାରୀଙ୍କ ବେତନ ବକେୟା ରହିଥିବାବେଳେ ଅଧିକାରୀମାନଙ୍କ ବେତନ ନିର୍ଦ୍ଧାରଣ ହୋଇସାରିଛି। କର୍ମଚାରୀଙ୍କ ବେତନ ନିର୍ଦ୍ଧାରଣ ପାଇଁ ପରିଚାଳନା କମିଟି ସହ ୬ଟି ବୈଠକ ଶେଷ ହୋଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ପ୍ରଭାଗର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ୪ ଦିନଧରି ଧାରଣାରେ ବସିଛନ୍ତି। ୩ ସଙ୍ଗଠନର ସଭାପତି ଅଶୋକ କୁମାର ଦାଶ, ପ୍ରଦୀପ କୁମାର ବିଶ୍ୱାଳ, ସୋମନାଥ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଧାରଣାକୁ ସମର୍ଥନ ଜଣାଇ ସ୍ଲୋଗାନ ଦେଇଥିଲେ।

■ ବିଲ୍ଟ କାଗଜକଳରେ ଅଚଳାବସ୍ଥା ଦୂର ପାଇଁ ଦାବିପତ୍ର

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ମଜଦୁର ସଂଘ

ଜୟପୁର,୨୮।୬(ଡି.ଏନ୍.ଏ./ନି.ପ୍ର.)

ଜୟପୁର ନିକଟସ୍ଥ ବିଲ୍ଟ ସେୱା କାଗଜକଳରେ ଚାଲିଥିବା ଅଚଳାବସ୍ଥା ଦୂର କରିବା ପାଇଁ ଠିକାଦାର ମଜଦୁର ସଂଘ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସଂଘର ସଦସ୍ୟମାନେ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଉତ୍ପାଦନ ବନ୍ଦ ରହିଥିବା କାଗଜକଳକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଏଥିରେ ଦାବି କରାଯାଇଛି। ବିଲ୍ଟ କାଗଜକଳର ୫୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଏକତ୍ରିତ ହୋଇ ବିଏମ୍ଏସ୍ ସଂଘର ସାଧାରଣ ସମ୍ପାଦକ ଏମ୍. ମୋହନଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ରାଜେନ୍ଦ୍ର ଖରାଙ୍କୁ ଦାବିପତ୍ର ଦେଇଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, କୋରାପୁଟ ଜିଲାର ବୃହତ୍ ଶିଳ୍ପ ବିଲ୍ଟ ସେୱା କାଗଜକଳରେ କିଛିଦିନ ହେବ ଉପଯୁକ୍ତ ପରିଚାଳନା ଅଭାବରୁ ଅଚଳାବସ୍ଥା ସୃଷ୍ଟି ହୋଇଛି । ୨୦୧୬ରୁ ବାରମ୍ବାର ଉତ୍ପାଦନ ବନ୍ଦ ହେଉଥିବା ବେଳେ ସ୍ଥାୟୀ ଏବଂ ଠିକା ଶ୍ରମିକଙ୍କୁ ନିୟମିତ ଦରମା ପ୍ରଦାନ କରାଯାଉନାହିଁ। ଏହି କାଗଜକଳ ଉପରେ ଜୟପୁର ସହର ଓ ଆଖାପାଖ ଅଞ୍ଚଳର ୧୦ ହଜାର ପରିବାର ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ। ତେଣୁ ଏହାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ତୁରନ୍ତ ଉତ୍ପାଦନକ୍ଷମ କରିବା ସହିତ ୧୦ ହଜାର ପରିବାରଙ୍କ ଜୀବିକା ବଞ୍ଚାଇବା ପାଇଁ ସହାୟତା କରିବାକୁ ଅନୁରୋଧ କରାଯାଇଛି । ପୂର୍ବରୁ ତେଲେଙ୍ଗାନା ରାଜ୍ୟରୁ ଦୁଇଟି କାଗଜକଳ ବନ୍ଦ ହୋଇଯାଇଥିବା ବେଳେ ରାଜ୍ୟ ସରକାର ସିରିପୁର କାଗଜକଳକୁ ୭୫୦ କୋଟି ଏବଂ କମଳାପୁରମ କାଗଜକଳକୁ ୩୫୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଦେଇ ଏହାକୁ ପୁନଃ ଉତ୍ପାଦନକ୍ଷମ କରାଇଥିଲେ। ସେହିପରି ଜୟପୁରସ୍ଥିତ ବିଲ୍ଟ କାଗଜକଳକୁ କଞ୍ଚାମାଲ ଭାବେ ବାଉଁଶ, କାଠ ଏବଂ କୋଇଲାରେ ସବସିଡ୍ ପ୍ରଦାନ କରିବା ସହ ବିଦ୍ୟୁତ ବିଲ ପୈଠରେ କିଛି ରିହାତି ଦିଆଯାଇ ଉତ୍ପାଦନ ବନ୍ଦ ହୋଇଥିବା କାଗଜକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମଜଦୁର ସଂଘର ସଦସ୍ୟମାନେ ।

ଉଲ୍ଲେଖଯୋଗ୍ୟ ଯେ, ୧୯୮୩ରେ ସ୍ଥାପନ ହୋଇଥିବା ଏହି କାଗଜକଳ ୧୯୮୭ରେ ବନ୍ଦ ହୋଇଯାଇଥିଲା । ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରୟାସରେ ଏହା ପୁଣି କାର୍ଯ୍ୟକ୍ଷମ ହୋଇଥିଲା । ୨୦୧୬ରେ ଥରେ ଏବଂ ୨୦୧୮ ଜୁନରୁ ନଭେମ୍ବର ପର୍ଯ୍ୟନ୍ତ ପୁଣି ଉତ୍ପାଦନ ବନ୍ଦ ରହିଥିଲା । ଏବେ ୨୦୧୯ ଏପ୍ରିଲ ୨୦ରୁ ଉତ୍ପାଦନ ବନ୍ଦ ରହିଛି। ଶୁକ୍ରବାର ଦାବିପତ୍ର ପ୍ରଦାନ ବେଳେ ସଭାପତି ଏ. ଭିମା ରାଓ, ଉପସଭାପତି ବି.ଡି. ସାମଲ, ଆର.କେ. ସାହୁ, କାଶିନାଥ ନାୟକ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ମିଲର ସିଓଓ ନିହାର ଅଗ୍ରୱାଲ, ସିଜିଏମ୍ ଆର୍. ହରିହରନ, କେନ୍ଦ୍ର ଶିଳ୍ପମନ୍ତ୍ରୀ, ରାଜ୍ୟ ଶିଳ୍ପମନ୍ତ୍ରୀ, ଜୟପୁର ବିଧାୟକ, କୋରାପୁଟ ଏମ୍ପି, ଜିଲାପାଳଙ୍କୁ ମଧ ପଠାଯାଇଛି।

# ସ୍ମୃତିପଟ୍ଟରେ ଝଲସିଲେ ଜୟପୁର ମହାରାଜା

ଜୟପୁର,୨୮।୬(ଡି.ଏନ୍.ଏ./ନି.ପ୍ର.)

ଜୟପୁରସ୍ଥିତ ମଧୁମତି ହୋଟେଲ ସମ୍ମିଳନୀ କକ୍ଷରେ ଜୟପୁର ମହାରାଜା ତଥା ରାଜର୍ଷି ବିକ୍ରମଦେବ ବର୍ମାଙ୍କ ୧୫୧ତମ ଜୟନ୍ତୀ ପାଳିତ ହୋଇଛି। ଜୟପୁର ସାହିତ୍ୟ ପରିଷଦ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଏହା ଆୟୋଜିତ ହୋଇଛି। ସାହିତ୍ୟ ପରିଷଦ ସଭାପତି ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାଗିରଥୀ ମହାସୁଆର, ମୁଖ୍ୟବକ୍ତା ସାହିତ୍ୟିକ ମନମୋହନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସଂସ୍କୃତ, ଓଡ଼ିଆ ଓ ତେଲୁଗୁ ସାହିତ୍ୟରେ ବିକ୍ରମଦେବଙ୍କ ଅଗାଧ ପାଣ୍ଡିତ୍ୟ, ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ପାରାଳାଖେମୁଣ୍ଡି ଅଧିବେଶନ, ବିଶାଖାପାଟଣାରେ ଓଡ଼ିଆ ସମାଜ ଗଠନରେ ତାଙ୍କର ଭୂମିକା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ଗବେଷକ ଶ୍ରୀରଙ୍ଗ ନାୟକଙ୍କୁ ବିକ୍ରମଦେବ ସମ୍ମାନ ଓ ଅନିଲ ଚନ୍ଦ୍ର ଦାଶଙ୍କୁ ସାହିତ୍ୟ ପରିଷଦ ସମ୍ମାନ ପ୍ରଦାନ କରାଯାଇଥିଲା । କଟକ ଶ୍ରୀରାମଚନ୍ଦ୍ର ଭବନରେ ବିକ୍ରମଦେବଙ୍କ ତୈଳଚିତ୍ର ଉନ୍ମୋଚନ ପାଇଁ ମୁଖ୍ୟ ଭୂମିକା ନେଇଥିବା ପଣ୍ଡିତ ଗୀତା ପ୍ରକାଶ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲଶ। ପରିଷଦର ସଂପାଦକ ନବକୃଷ୍ଣ ରଥ ସମ୍ପାଦକୀୟ ପାଠ ଓ ଅଶୋକ ପଲେଇ ଧନ୍ୟବାଦ ଦେଇଥିଲେ। ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅଶୋକ ମହାରଣା ଅତିଥି ପରିଚୟ ଦେଇଥିଲେ। ବିକ୍ରମଦେବଙ୍କ ରଚିତ ସଂଗୀତ ଗାଇଥିଲେ ବିଦ୍ୟୁତପ୍ରଭା ପଟ୍ଟନାୟକ। ଦ୍ୱିତୀୟ ଅଧିବେଶନରେ ପ୍ରତିଭା ପୂଜନ ପର୍ବ ହୋଇଥିଲା। ପରିଷଦର ଉପସଭାପତି ତେଜେଶ୍ୱର ପଣ୍ଡା, ପ୍ରସାରଣ ସଂପାଦକ ଅବିନାଶ ସାନ୍ତ୍ରାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମହାରାଜା ବିକ୍ରମ ଦେବ ବର୍ମାଙ୍କ ଜୟନ୍ତୀ ସଭାରେ ଉପସ୍ଥିତ ଅତିଥିମାନେ ।

# ଶିବିରରୁ ୫୨ ୟୁନିଟ୍ ରକ୍ତ ସଂଗ୍ରହ

ଦାମନଯୋଡ଼ି,୨୮।୬(ସ୍ୱ.ପ୍ର.)

ନାଲକୋ ଟାଉନ୍ଶିପସ୍ଥିତ କମ୍ୟୁନିଟି ସେଣ୍ଟରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ କୋରାପୁଟ ସିଡିଏମ୍ଓ ଡାକ୍ତର ଦଧିବାମନ ତ୍ରିପାଠୀ ଉଦ୍ଘାଟନ କରିଥିଲେ। ଏଥିରେ ୫୨ ଜଣ ରକ୍ତଦାନ କରିଥିଲେ। କୋରାପୁଟ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ଟଙ୍କଧର ବେହେରା, ବିଷୋୟିନୀ ନାୟକ, ସଞ୍ଜୟ ସିଂ, ରୀନା ଓ ରବୀନ୍ଦ୍ର ରକ୍ତ ସଂଗ୍ରହ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ଡାକ୍ତର ନରେଶ ଚନ୍ଦ୍ର ସାହୁ, ସନ୍ତୋଷ ମିଶ୍ର, ସନ୍ତୋଷ ସେନାପତି, ଡାକ୍ତର ଅଶୋକ ମହାନ୍ତି, ସୁଦର୍ଶନ ସେନାପତି ଓ ଜଳନ୍ଧର ତ୍ରିପାଠୀ ଶିବିର ପରିଚାଳନା କରିଥିଲେ। ଡାକ୍ତର ନରେଶ ଚନ୍ଦ୍ର ସାହୁ ଶିବିରରେ ନିଜ ଜୀବନର ୮୦ତମ ରକ୍ତଦାନ କରିଥିଲେ।



ଶିବିରରେ ଜଣେ ରକ୍ତଦାନ କରୁଛନ୍ତି ।

# ସ୍ପ୍ରେଡ୍ ପକ୍ଷରୁ ସାମାଜିକ ସମୀକ୍ଷା

ଦଶମନ୍ତପୁର,୨୮।୬(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଶୁକ୍ରବାର ସ୍ପ୍ରେଡ୍ ଅନୁଷ୍ଠାନ ପକ୍ଷରୁ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରାଯାଇଛି। ସ୍ପ୍ରେଡ୍ର ବ୍ଲକ ସଂଯୋଜକ ସୁରେନ୍ଦ୍ର ଝୋଡ଼ିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନାମଣି ମୁଦୁଲି, ପଞ୍ଚାୟତ ସଂଯୋଜକ ବାବୁଲା କଂସାରି, ଦୀନବନ୍ଧୁ ବାଘ, ମଣ୍ଟୁ ଖୋସ୍ଲା, ରଘୁନାଥ ଖରା, ଜିଲା ସଂଯୋଜକ ଶୁକୁରାମ ଖାଡ଼ଙ୍ଗା, ସିଡିପିଓ ନମିତା ପଣ୍ଡା ଉପସ୍ଥିତ ଥିଲେ। ସମୀକ୍ଷାରେ ୧୦ଟି ପଞ୍ଚାୟତ ଯଥା- ପାଇକ ଫୁଲବେଡ଼ା, ଆଡମଣ୍ଡା ମାଲକାନଗିରି, ନନ୍ଦିଗାଁ, ଗାଡ଼ିଆଗୁଡ଼ା, ପି.ବେଡାପଦର, ଲୁଲ୍ଲା, ପିଣ୍ଡାପଦର, ଚିକାମ୍ବ, ଗିର୍ଲିଗୁମ୍ମା ଓ ଚଣାବାଡ଼ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନଭୋଜନ, ସାଧାରଣ ବଣ୍ଟନ, ସ୍ୱାସ୍ଥ୍ୟସେବାର ସମୀକ୍ଷା କରାଯାଇଥିଲା।



ସାମାଜିକ ସମୀକ୍ଷା ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

■ ଆମ୍ବଗାଁବାସୀଙ୍କ ଦାବି ପୂରଣ କଲା ନାଲ୍କୋ

# ପାଚେରି ନିର୍ମାଣ ପୁଣିଥରେ ଆରମ୍ଭ

ଦାମନଯୋଡ଼ି,୨୮।୬(ସ୍ୱ.ପ୍ର.)

ନାଲକୋ ପାଚେରି ନିର୍ମାଣ ପ୍ରସଙ୍ଗରେ ଆମ୍ବଗାଁ ବାସୀଙ୍କ ଦାବି ପୂରଣ ହେବା ସହ ଦୀର୍ଘଦିନ ପରେ ଗୁରୁବାରଠାରୁ ପାଚେରି ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ପାଚେରି କାମ ଗ୍ରାମବାସୀ କରୁଥିବାବେଳେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ରୁ ନାଲକୋର ଏହି ପାଚେରି ନିର୍ମାଣ ପାଇଁ ଓଏସ୍ଏଲ୍ ଠିକାସଂସ୍ଥା ପ୍ରାୟ ୧୭ କୋଟି ଟଙ୍କାର ଟେଣ୍ଡର ପାଇ କାମ ଆରମ୍ଭ କରିଥିଲା। ତେବେ ଗ୍ରାମର ଲୋକେ ଏହାକୁ ବିରୋଧ କରିଥିଲେ। ଗ୍ରାମର ୧୫୩ ଜଣଙ୍କୁ ନିଯୁକ୍ତି ପ୍ରଦାନ ସହ ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ ପାଇଁ ଦାବି କରିଥିଲେ। ବହୁବାର ଜିଲା ପ୍ରଶାସନ, ନାଲ୍କୋ ପ୍ରଶାସନ, ପୋଲିସ ସହ ଗ୍ରାମବାସୀଙ୍କ ଆଲୋଚନା ହୋଇଥିଲେ ମଧ ସମସ୍ୟାର ସମାଧାନ ହୋଇ ନଥିଲା। ପ୍ରଶାସନ ଏହି ଅଞ୍ଚଳରେ ୧୪୪ ଧାରା ଜାରି କରିଥିଲା। ଅନେକ ଥର ନିର୍ମାଣ କାମକୁ ନେଇ ଗ୍ରାମବାସୀ ଓ ନାଲକୋ କର୍ତ୍ତୃପକ୍ଷ, ପୋଲିସ ମଧ୍ୟରେ ଗଣ୍ଡଗୋଳ ହୋଇଥିବାବେଳେ ଥାନା ଘେରାଉ ମଧ କରାଯାଇଥିଲା। ଫଳରେ ପ୍ରଶାସନ ଗ୍ରାମବାସୀଙ୍କ ନାଁରେ ଏତଲା ଦେବା ସହ କିଛି ଗ୍ରାମବାସୀ କୋର୍ଟକୁ ଯାଇଥିଲେ। ଗ୍ରାମବାସୀ ଦାବି ପୂରଣ ପାଇଁ ଅଡ଼ିବସିବା ପରେ ଗତ ମାସରେ ଜିଲା ପ୍ରଶାସନ, ପୋଲିସ ଓ ନାଲ୍କୋ ପକ୍ଷରୁ ଗ୍ରାମସଭା କରାଯାଇ ଘର ଘର ବୁଲି ସର୍ଭେ କରାଯାଇଥିଲା। ନାଲ୍କୋ ସିଏମ୍ଡିଙ୍କ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ଓ ଗ୍ରାମର ମଧ୍ୟସ୍ଥିଙ୍କ ମଧ୍ୟରେ ଆଲୋଚନା ପରେ ଦାବି ପୂରଣ ହୋଇଥିବା ଜଣାପଡ଼ିଛି। ଗ୍ରାମର ୪୦ ଜଣଙ୍କୁ ମେଣ୍ଟେନାନ୍ସ, ଜଣଙ୍କୁ ପ୍ରକଳ୍ପରେ ଠିକା ନିଯୁକ୍ତି ସହ ପାଚେରି ନିର୍ମାଣ କାମକୁ ଗ୍ରାମବାସୀ କରିବେ ବୋଲି ଚୁକ୍ତିନାମା ହୋଇଛି।

# ମେଲିଲାଣି ରାଜସ୍ଥାନୀ ଶିଳ୍ପୀଙ୍କ ପସରା


ରାସ୍ତାକଡରେ ପ୍ଲାଷ୍ଟର ପ୍ୟାରିସର ବିଭିନ୍ନ ପ୍ରତିକୃତି ଗଦା ହୋଇଛି ।


ରାଜସ୍ଥାନୀ କାରିଗରମାନେ ମୂର୍ତ୍ତି ତିଆରି କାମରେ ଲାଗିଛନ୍ତି ।

ଜୟପୁର,୨୮।୬(ଡି.ଏନ୍.ଏ.)

## ପୂଜାଋତୁ ପାଇଁ ଜୟପୁର ସହର ରାସ୍ତାରେ ଆରମ୍ଭ ହେଲାଣି ମୂର୍ତ୍ତିକାମ

ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ଆୟକର ବିଭାଗ କାର୍ଯ୍ୟାଳୟ ନିକଟରେ ମେଲିଛି ରାଜସ୍ଥାନୀ କାରିଗରଙ୍କ ମୂର୍ତ୍ତି ପସରା। ରାଜସ୍ଥାନର ପାଲୀ ଜିଲା ପ୍ରତାପଗଡ଼ ସାଡିଲିଡି ଗ୍ରାମର ଗୋଟିଏ ଶିଳ୍ପୀ ପରିବାରର ୧୫ ଜଣ ସଦସ୍ୟ ସପ୍ତାହେ ହେଲାଣି ରାସ୍ତାପାଖରେ ଟେଣ୍ଟ ପକାଇ ପୂଜାଋତୁ ପାଇଁ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଛନ୍ତି। ପ୍ଲାଷ୍ଟର ପ୍ୟାରିସରେ ଏକ ଫୁଟରୁ ୧୦ ଫୁଟ ପର୍ଯ୍ୟନ୍ତ ଗଣେଶ ମୂର୍ତ୍ତି ତିଆରି ଚାଲିଛି। ନଡିଆ କତା ଓ ପ୍ଲାଷ୍ଟର ପ୍ୟାରିସର ମିଶ୍ରକୁ ଛାଞ୍ଚରେ ପକାଯିବାର ୫ରୁ ୭ ଦିନ ଭିତରେ ଏହା ଶୁଖିଯାଏ ଓ ସେଥିରୁ ଚମତ୍କାର ମୂର୍ତ୍ତି ସବୁ ବାହାର କରାଯାଏ। ଏହିପରି ମୂର୍ତ୍ତି ୫୦୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବା ରାଜସ୍ଥାନୀ କାରିଗରମାନେ କହିଛନ୍ତି। ମୂର୍ତ୍ତିନିର୍ମାତା ରାହୁଲ ରାଠୋଡଙ୍କ କହିବା ଅନୁଯାୟୀ, ସେମାନେ ବାକରମ ନାମକ ଜାତିର ଓ ସେମାନଙ୍କର କୌଳିକ ବୃତ୍ତି ହେଉଛି ମୂର୍ତ୍ତି ନିର୍ମାଣ। ସେମାନେ ପୂର୍ବରୁ ମାଟିରେ ମୂର୍ତ୍ତି ତିଆରି କରୁଥିଲେ ମଧ ଏବେ ଆଧୁନିକ ଯୁଗରେ ପ୍ଲାଷ୍ଟର ପ୍ୟାରିସର ଚାହିଦା ଦେଖି ସେହିଥିରେ ମୂର୍ତ୍ତି ନିର୍ମାଣ କରି ବିକୁଛନ୍ତି। କେବଳ ଦେବଦେବୀ ନୁହେଁ, ଏହା ସହ ଫୁଲଦାନୀ, ପଶୁପକ୍ଷୀ ଓ ଅନ୍ୟ ସୌଖୀନ କଳାତ୍ମକ ମୂର୍ତ୍ତି ସେମାନେ ନିର୍ମାଣ କରୁଛନ୍ତି। ବର୍ଷସାରା ଏମାନେ ଆସାମ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ରାଜ୍ୟ ବୁଲି ବୁଲି ଏହିପରି ମୂର୍ତ୍ତି ପ୍ରସ୍ତୁତ କରି ବିକିଥାନ୍ତି। କେବଳ ହୋଲି ପୂର୍ବରୁ ମାତ୍ର ୨ ମାସ ପାଇଁ ନିଜ ଗ୍ରାମକୁ ଯାଇ ପୁଣି କର୍ମକ୍ଷେତ୍ରକୁ ଫେରିଆସନ୍ତି। ଓଡ଼ିଶାର ସମ୍ବଲପୁର, ବଲାଙ୍ଗିର, କଳାହାଣ୍ଡି, ସୁନ୍ଦରଗଡ଼, ଝାରସୁଗୁଡ଼ା ଭଳି ଜିଲାରେ ମୂର୍ତ୍ତି କାମ କରିଥିବା ବେଳେ ଏବେ ଜୟପୁର ସହରରେ ପ୍ରଥମଥର ପାଇଁ ଆସିଥିବା କାରିଗର ଆନନ୍ଦ ରାଠୋର କହିଛନ୍ତି । ଆସନ୍ତା ଗଣେଶ ଓ ବିଶ୍ୱକର୍ମା ପୂଜା ପାଇଁ ମୂର୍ତ୍ତି ଭଲ ବିକ୍ରି ହେବ ବୋଲି ସେମାନେ ଆଶା ରଖିଛନ୍ତି ।

### ସାପ କାମୁଡ଼ାରେ ଯୁବକ ମୃତ

ପୁରୁଷୋତ୍ତମପୁର, ୨୮।୬ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ କେ.ଏନ ପୁର ପଞ୍ଚାୟତ ଖାଜିପଲ୍ଲୀ ଗ୍ରାମରେ ଶୁକ୍ରବାର ରାତିରେ ସାପ କାମୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଧିରେନ୍ଦ୍ର ଆଚାର୍ଯ୍ୟ (୪୦)। ଧିରେନ୍ଦ୍ର ରାତିରେ କେତେଜଣ ସାଙ୍ଗମାନଙ୍କ ସହ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଅଜଣାତରେ ରାସ୍ତା ଉପରେ ଥିବା ଏକ ବିଷଧର ସାପକୁ ଚକୁଡ଼ି ଦେବାରୁ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସାଙ୍ଗମାନେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ କିନ୍ତୁ ଆମ୍ବୁଲାନ୍ସ ନ ଆସିବାରୁ ତାଙ୍କୁ ଏକ ଅଟୋ ଯୋଗେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ. ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଆମ୍ବୁଲାନ୍ସ ନ ଆସିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ଦେଖାଦେଇଛି।